## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ଏସ୍ଆଇଟି ତଦନ୍ତ ଦାବିରେ ବିକ୍ଷୋଭ। ସ୍ଥାନ-ବ୍ରହ୍ମପୁର ରେଳ ଷ୍ଟେଶନ, ସମୟ-ପୂର୍ବାହ୍ନ ସାଢ଼େ ୧୦ଟା।
- ଟ୍ରାଫିକ ସଚେତନତା। ସ୍ଥାନ-ଇଞ୍ଜିନିୟରିଂ ସ୍କୁଲ ଛକ, ସମୟ-ପୂର୍ବାହ୍ନ ସାଢ଼େ ୮ଟା

## ସଂକ୍ଷେପରେ

### ଗୋରୁ ଚରାଳିଙ୍କ ମୃତ୍ୟୁ

ଆସିକା, ୧୧।୬ (ଡି.ଏନ୍.ଏ): ଆସିକା ଥାନା ଅନ୍ତର୍ଗତ ଦାସନାପଲ୍ଲୀ ଗ୍ରାମରେ ରବିବାର ମଧ୍ୟାହ୍ନରେ ଜଣେ ଗୋରୁ ଚରାଳିଙ୍କ ମୃତ୍ୟୁ ଘଟିଛି। ହେସ ହେଲେ ସେହି ଗ୍ରାମର ଇନ୍ଦ୍ର ଗୌଡ। ତାଙ୍କ ପୁଅ ବ୍ରହ୍ମା ଗୌଡ ଆସିକା ପୋଲିସରେ ଅଭିଯୋଗ କରିଛନ୍ତି। ସବୁଦିନ ଭଳି ରବିବାର ଗୋରୁ ଚରାଇବା ଲାଗି ବଣବାଲି ନିକଟସ୍ଥ ଗଡଗଡିଆ ନାଳ ପାଖକୁ ଯାଇଥିଲେ। ମଧ୍ୟାହ୍ନରେ ତାଙ୍କ ସ୍ତ୍ରୀ ଖାଦ୍ୟ ନେଇ ଘଟଣାସ୍ଥଳରେ ପହଞ୍ଚିଲା ବେଳକୁ ଅଚେତ ଅବସ୍ଥାରେ ଦେଖିଥିଲେ। ତୁରନ୍ତ ଇନ୍ଦ୍ରଙ୍କୁ ଆସିକା ସରକାରୀ ଡାକ୍ତରଖାନାକୁ ଅଣାଯାଇଥିଲା। ତେବେ ଡାକ୍ତର ମୃତ ଘୋଷଣା କରିଥିଲେ। ପରିବାର ପକ୍ଷରୁ ଏହାକୁ ଏକ ଅଂଶୁଘାତ ଜନିତ ମୃତ୍ୟୁ ବୋଲି ଅନୁମାନ କରାଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

### ଆକ୍ରମଣ ଘଟଣାରେ ୨ ଗିରଫ

ଗୋପାଳପୁର,୧୧।୬(ଡି.ଏନ.ଏ.): ଗୋପାଳପୁର ଥାନା ଆମ୍ବପୁଆ ସ୍ଥିତ ଖଣ୍ଡିଆ ସାହିରେ ଶନିବାର ରାତିରେ ଏକ ଆକ୍ରମଣ ଘଟଣାରେ ଗୋପାଳପୁର ପୋଲିସ ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗୟାଧର ଗୌଡ଼, ସୁମନ କୁମାର ନାୟକ। ଆମ୍ବପୁଆ ଖଣ୍ଡିଆ ସାହିର ଦିପୁ ସେଠୀ ଛକରେ ଛିଡା ହୋଇଥିବା ସମୟରେ ଅଭିଯୁକ୍ତମାନେ ଏକ ବାଇକ ଆସି ତାଙ୍କୁ ଗାଳି ଗୁଲଜ କରି ଜୀବନରେ ମାରିଦେବାକୁ ଧମକ ଦେଇ ଚାଲିଯାଇଥିଲେ। ପୁଣି ରାତ୍ର ପ୍ରାୟ ୧୦ଟାରେ ସେହି ତିନି ଜଣ ଘର ପାଖକୁ ଯାଇ ଖଣ୍ଡାରେ ଆକ୍ରମଣ କରିଥିଲେ। ପରିବାର ଲୋକେ ଦିପୁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବ୍ରହ୍ମପୁର ମେଡିକାଲ ନେଇ ଥିଲେ। ଦିପୁଙ୍କ ଏତଲା କ୍ରମେ ପୋଲିସ ନଂ.୧୯୩/୨୩ରେ ମାମଲା ରୁଜୁ କରିଥିବା ବେଳେ ଜଣେ ଅଭିଯୁକ୍ତ ଫେରାର ଥିବା ଅଛନ୍ତି। ଆକ୍ରମଣ ବ୍ୟବହୃତ ଖଣ୍ଡାକୁ ପୋଲିସ ଜବତ କରିଛି।

### ଲକ୍ଷ୍ମୀଧର ଚିକିଟି କଲେଜ ପରିଚାଳନା କମିଟି ସଭାପତି

ଚିକିଟି,୧୧।୬(ଡି.ଏନ୍.ଏ.): ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଚିଠି ନଂ. ୨୦୯୬୯/୧୭।୦୬।୨୩ ଅନୁସାରେ ଗଞ୍ଜାମ ଜିଲା ଚିକିଟି ମହାବିଦ୍ୟାଳୟ ପରିଚାଳନା କମିଟିର ଲକ୍ଷ୍ମୀଧର ମହାନ୍ତି ସଭାପତି ଭାବେ ମନୋନୀତ ହୋଇଛନ୍ତି। ଚିକିଟି ନିକଟବର୍ତ୍ତୀ ମାଧବନ୍ଧ ଗ୍ରାମରେ ଲକ୍ଷ୍ମୀଧର ବିଶିଷ୍ଟ ଶିକ୍ଷାବିତ୍ ଓ ଓଡ଼ିଶା ରାଜ୍ୟ ସରକାରଙ୍କ ପ୍ରଶାସନିକ ସେବା ଅଧିକାରୀ ରୂପେ ଦୀର୍ଘବର୍ଷ ଦକ୍ଷତାର ସହ କାର୍ଯ୍ୟକରି ଶେଷରେ ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ ସଚିବ ଭାବେ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ମହାବିଦ୍ୟାଳୟ ଅଧକ୍ଷ ଡକ୍ଟର ଭବାନୀ ପ୍ରସାଦ ପଣ୍ଡାଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧାପିକା, ଅଧାପକ, କର୍ମଚାରୀ ପ୍ରମୁଖ ଚିକିଟି ମହାବିଦ୍ୟାଳୟ ପରିଚାଳନା କମିଟିର ନୂତନ ସଭାପତି ମହାନ୍ତିଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

### ବ୍ୟବସାୟୀଙ୍କ ବାସଭବନକୁ ବୋମାମାଡ଼ ଘଟଣା
### ୬ ମାସ ପରେ ବି ପୋଲିସ ଟେର୍ ପାଉନି

ଚିକିଟି,୧୧।୬(ଡି.ଏନ୍.ଏ.): ଚିକିଟି ନିର୍ବାଚନମଣ୍ଡଳୀର ଚିକିଟି ମୁଖ୍ୟ ବଜାରରେ ରହୁଥିବା ସତ୍ୟନାରାୟଣ ସାହୁଙ୍କ ବାସଭବନ ଉପରକୁ ଲକ୍ଷ୍ୟକରି ବୋମାମାଡ଼ କରିବା ଘଟଣାର ଦୀର୍ଘ ୬ ମାସ ବିତିଯାଇଥିଲେ ସୁଦ୍ଧା ପୋଲିସ ହାତ ଖାଲିରହିଛି। ଉକ୍ତ ଘଟଣାକୁ ନେଇ କେ.ନୂଆଗାଁ ଥାନାରେ ଏକ ମାମଲା ରୁଜୁକରି ତଦନ୍ତ ଚାଲୁରହିଥିବା ପୋଲିସ ପକ୍ଷରୁ କୁହାଯାଇଛି। ଦୀର୍ଘ ଏକ ବର୍ଷ ମଧରେ ଛୋଟବଡ଼ ଏଭଳି ଘଟଣା ଘଟିଚାଲିଥିଲେ ମଧ ପୋଲିସ କୌଣସି ଗୋଟିଏ ଲୁଟ୍ ଘଟଣାର ଆସାମୀଙ୍କୁ ଗିରଫ କରିପାରି ନ ଥିବାରୁ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଏମ୍କେସିଜିରେ ନାହିଁ ବର୍ନ କେୟାର୍ ୟୁନିଟ୍

- ୬୦ ବର୍ଷର ହସ୍ପିଟାଲ, ଅକାଳେ ଯାଉଛି ଜୀବନ
- ଏନ୍ଏଚ୍ଆର୍ସିରେ ପିଟିସନ୍

ବ୍ରହ୍ମପୁର ଅଫିସ,୧୧।୬

ଦକ୍ଷିଣ ଓଡ଼ିଶାର ଏକମାତ୍ର ରେଫରାଲ୍ ହସ୍ପିଟାଲ୍ ହେଉଛି ଏମ୍କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ। ଏଠାକୁ ଗଞ୍ଜାମ ସମେତ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲା ଓ ପଡୋଶୀ ଆନ୍ଧ୍ରପ୍ରଦେଶର ଏଠାକୁ ରୋଗୀ ରେଫର୍ ହୋଇଆସିଥାନ୍ତି। ରୋଗୀଙ୍କୁ ଅତ୍ୟାଧୁନିକ ସେବା ଯୋଗାଇବା ପାଇଁ ରାଜ୍ୟ ସରକାର ନାନା ଯୋଜନା କରୁଛନ୍ତି। ଏମକେସିଜିରେ ପିଏମ୍ଏସ୍ଏସ୍ୱାଇରେ ସୁପରସ୍ପେସାଲିଟି ବ୍ଲକ୍ କାର୍ଯ୍ୟକ୍ଷମ ହୋଇଛି। ହେଲେ ୬୦ବର୍ଷ ଏହି ହସ୍ପିଟାଲରେ ଦୀର୍ଘଦିନର ଦାବି ସ୍ୱତ୍ତ୍ୱେ ବର୍ନ କେୟାର୍ ୟୁନିଟ୍ ପ୍ରତିଷ୍ଠା ହୋଇପାରିନାହିଁ। ଫଳରେ ନିଆଁରେ ପୋଡ଼ି ହୋଇ ଗୁରୁତର ଅବସ୍ଥାରେ ଆସୁଥିବା ରୋଗୀଙ୍କୁ ଏଠାରେ ଆବଶ୍ୟକ ଚିକିତ୍ସା ମିଳିପାରୁନାହିଁ। ଫଳରେ ଅକାଳରେ ଜୀବନ ଯାଉଛି। ବିଗତ ଦିନରେ ବାରମ୍ବାର ଏଭଳି ଘଟଣା ନଜରକୁ ଆସିଛି। ଏମକେସିଜି ପାଇଁ ବର୍ନ କେୟାର୍ ୟୁନିଟ୍ ନିହାତି ଆବଶ୍ୟକ। ଏଥିରେ ହସ୍ତକ୍ଷେପ କରି ସମାଧାନ ପନ୍ଥା ବାହାର କରିବାକୁ ଜାତୀୟ ମାନବ ଅଧିକାର କମିସନ୍(ଏନ୍ଏଚ୍ଆରସି)ଙ୍କ ନିକଟରେ ବ୍ରହ୍ମପୁରର ଯୁବ ସାମାଜିକ କର୍ମୀ ରବୀନ୍ଦ୍ର କୁମାର ମିଶ୍ର ରୁଜୁ କରିଥିବା ପିଟିସନ୍‌ରେ ଅନୁରୋଧ କରିଛନ୍ତି।



ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ।

ଅଗ୍ନିକାଣ୍ଡ ହେଉ କିମ୍ବା ଅନ୍ୟ କୌଣସି କାରଣରୁ ପୋଡ଼ି ହୋଇ ଗୁରୁତର ହେଉଥିବା ଲୋକଙ୍କୁ ଚିକିତ୍ସା ପାଇଁ ଏମ୍କେସିଜି ଅଣାଯାଉଥିବା ବେଳେ ବର୍ନ କେୟାର୍ ୟୁନିଟ୍ ନଥିବାରୁ ସେମାନଙ୍କୁ ସାଧାରଣ ୱାର୍ଡ଼ରେ ରଖାଯାଉଛି। ରବିବାର ଗଜପତି ଜିଲା ମୋହନା ଥାନା ଅନ୍ତର୍ଗତ ରାଇପୋଙ୍କା ଗ୍ରାମର ସୁପ୍ରିୟା ବସ୍ତରାଇ ଏକ ଇଟାଭାଟିରେ କାମ କରୁଥିଲେ। ସେ ନିଆଁ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ତାଙ୍କୁ ଏମକେସିଜି ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଏଠାରେ ବର୍ନ କେୟାର ୟୁନିଟ ନ ଥିବାରୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର ହୋଇଛନ୍ତି। ସେହିପରି ଗତ ୧୨ତାରିଖରେ ଲୋଚାପଡ଼ାରେ ଅଗ୍ନିକାଣ୍ଡରେ ଗୁରୁତର ଉତ୍ତରା ସାହୁଙ୍କୁ ଏମକେସିଜିରେ ଭର୍ତ୍ତି କରାଯାଇଥିଲେ ମଧ ବର୍ନ କେୟାର ୟୁନିଟ ନ ଥିବାରୁ ଆବଶ୍ୟକ ଚିକିତ୍ସା ମିଳିପାରି ନଥିଲା। ସେଠାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯିବା ବେଳେ ରାସ୍ତାରେ ମୃତ୍ୟୁ ଘଟିଥିଲା। ୨୦୨୧ ଫେବୃଆରୀ ୯ ତାରିଖରେ ଗୋଳନ୍ଥରା ଥାନା ଅନ୍ତର୍ଗତ ମେଣ୍ଟରାଜ ବସ ଟ୍ରାଜେଡ଼ିରେ ୨୭ଜଣ ଗୁରୁତର ହୋଇ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ବର୍ନ କେୟାର ୟୁନିଟ ନଥିବାରୁ ପର୍ଯ୍ୟାୟକ୍ରମେ ୧୨ ଜଣଙ୍କର ମୃତ୍ୟୁ ଘଟିଥିଲା। ଉକ୍ତ ଘଟଣା ପରେ ଏମକେସିଜିରେ ସ୍ୱତନ୍ତ୍ର ବର୍ନ କେୟାର ୟୁନିଟ କାର୍ଯ୍ୟକ୍ଷମ ପାଇଁ ଘୋଷଣା କରାଯାଇଥିଲା। ଯାହାକି ଏଯାବତ କାର୍ଯ୍ୟକ୍ଷମ ହୋଇପାରିନାହିଁ। ବର୍ନ କେୟାର୍ ୟୁନିଟ୍ ନଥିବାରୁ ଡାକ୍ତର ମଧ କିଛି କରିପାରୁ ନାହାନ୍ତି। ଦୀର୍ଘବର୍ଷ ହେଲା ଏହି ୟୁନିଟ୍ ପାଇଁ ଦାବି ହୋଇ ଆସୁଥିଲେ ମଧ ସରକାର ଏ ଦିଗରେ ଦୃଷ୍ଟି ଦେଉ ନାହାନ୍ତି। ସାଧାରଣତଃ ଏମକେସିଜି ବଡ଼ ଡାକ୍ତରଖାନାକୁ ମାସକୁ ପ୍ରାୟ ୩୦ ପୋଡ଼ି ହେବା ମାମଲା ଆସୁଛି। ତନ୍ମଧ୍ୟରୁ ପ୍ରାୟ ୫୦ ପ୍ରତିଶତଙ୍କ ଅବସ୍ଥା ଗୁରୁତର ରହୁଛି। ଏହି ସଂଖ୍ୟା ଖରାଦିନରେ ଅଧିକ ରହୁଛି। ଚିକିତ୍ସା ସେବା ନପାଇ ଅଯଥାରେ ଲୋକଙ୍କ ଜୀବନ ଯାଉଛି। ଯାହାକି ମାନବ ଅଧିକାରକୁ କ୍ଷୁର୍ଣ୍ଣ କରୁଛି। ଏଣୁ ଏନ୍ଏଚ୍ଆରସି ଏଥିରେ ହସ୍ତକ୍ଷେପ କରି ବିହିତ ପଦକ୍ଷେପ ଗ୍ରହଣ କରି ଜନସାଧାରଣଙ୍କ ମାନବ ଅଧିକାର ସୁରକ୍ଷା ଦିଗରେ ପଦକ୍ଷେପ ନେବାକୁ ସାମାଜିକ କର୍ମୀ ମିଶ୍ର ତାଙ୍କର ପିଟିସନରେ ଉଲ୍ଲେଖ କରିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

bmpselfie@gmail.com


@ ଆୟେଶା


@ ସ୍ନେହା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଖାଲଖମାରେ ଭର୍ତ୍ତି ବିଜିପୁର ଟ୍ୟାଙ୍କ ରୋଡ


ରାସ୍ତାରେ ଜମି ରହିଥିବା ପାଣି।

ବ୍ରହ୍ମପୁର ଅଫିସ,୧୧।୬

ବ୍ରହ୍ମପୁର ସହରରେ ରାସ୍ତାର ଉନ୍ନତିକରଣ ପାଇଁ ବ୍ରହ୍ମପୁର ମହାନଗର ନିଗମ (ବିଇଏମସି) ପଦକ୍ଷେପ ଗ୍ରହଣ କରୁଛି। ସୁବାରାଓ ଛକଠାରୁ ସେଣ୍ଟ ଭିନସେଣ୍ଟ୍ସ ସ୍କୁଲ ଛକ ଓ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖା ଛକ, ଅନ୍ନପୂର୍ଣ୍ଣା ମାର୍କେଟଠାରୁ ଭିଶାଲ ମେଗା ମାର୍ଟ, ଜ୍ୟୋତି ପେଟ୍ରୋଲ ପମ୍ପଠାରୁ ଗାନ୍ଧୀନଗର ଛକ, ଗାନ୍ଧୀନଗର ଉପର ଓ ତଳ ରାସ୍ତା, ୫୯ ନଂ ଜାତୀୟ ରାଜପଥଠାରୁ ଭେଙ୍କେଟଶ୍ୱର ଏବଂ କପିଳେଶ୍ୱର ମନ୍ଦିର ରାସ୍ତା ସ୍ମାର୍ଟ ରାସ୍ତାରେ ରୂପାନ୍ତରିତ କରାଯାଇଛି। ବିଇଏମସି ପକ୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷରେ ୪୪୦ ମିଟର ପିଚୁ ରାସ୍ତା, ୧୧,୪୭୯ ମିଟର କଂକ୍ରିଟ ରୋଡ, ୬୫୮୩ ପେଭର ରାସ୍ତା ଓ ୨୯୦ ମିଟର କଚା ରାସ୍ତା ଓ ୨୧,୫୪୯ ମିଟର ଡ୍ରେନ ନିର୍ମାଣ କରାଯାଇଛି। ଏଥିନିମନ୍ତେ ୨୨କୋଟି ୧୩ ଲକ୍ଷ ୮୨ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ରହିଛି। ହେଲେ ଏପରି ବହୁ ଗୁରୁତ୍ୱପୂର୍ଣ୍ଣ ଓ ଜନଗହଳି ପୂର୍ଣ୍ଣ ଅଞ୍ଚଳର ମୁଖ୍ୟ ରାସ୍ତା ରହିଛି ଯାହାର ଉନ୍ନତି ଲାଗି କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଦେଖିବାକୁ ମିଳିଛି। ବିଜିପୁର ଟ୍ୟାଙ୍କ ରୋଡ ଏହାର ଜ୍ୱଳନ୍ତ ଉଦାହରଣ। ଏହି ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି।

ବିଜିପୁର ଟ୍ୟାଙ୍କ ରୋଡଟି ଷ୍ଟେଶନ ରାସ୍ତା ସମେତ କଂଗ୍ରେସ ଭବନ ଛକକୁ ସଂଯୋଗ କରିଥାଏ। ସହର ମଧ୍ୟରେ ଏହା ଏକ ମୁଖ୍ୟରାସ୍ତା କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହି ରାସ୍ତା ଦେଇ ବିଜିପୁର, ଗୋସାଣୀ ନୂଆଗାଁ ଓ ଗାନ୍ଧୀନଗର ବାସିନ୍ଦା ମଧ ଯାତାୟାତ କରନ୍ତି। କିନ୍ତୁ ଦୀର୍ଘ ଦିନ ଧରି ଏହି ରାସ୍ତାର ମରାମତି କ୍ଷେତ୍ରରେ ନିଗମ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ରାସ୍ତାର ଗୋଟିଏ ପାର୍ଶ୍ୱରେ ଖାଲଖମା ହୋଇ ପାଣି ଜମି ରହୁଛି। ବର୍ଷାଦିନେ ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ପାଣି ଜମି ରହିବା ସହ ନିକଟସ୍ଥ ଫଳ ବଜାରରେ ପ୍ରବେଶ କରୁଥିବା ବ୍ୟବସାୟୀମାନେ କହିଛନ୍ତି। ପାଣି ଯୋଗୁ ଅନେକ ସମୟରେ ଦୋକାନ ବନ୍ଦ କରୁଥିବା ସେମାନେ କହିଛନ୍ତି। ତେବେ ବିଇଏମସି ପକ୍ଷରୁ ୨୦୨୩-୨୪ ଆର୍ଥିକ ବଜେଟରେ ନେତାଜୀ ସୁବାଷ ବୋଷ ପ୍ରତିମୂର୍ତ୍ତିଠାରୁ ବିଜିପୁର ଫଳ ମାର୍କେଟ ଓ ବିଜିପୁର ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ୪ କୋଟି ଟଙ୍କା ବ୍ୟୟରେ ସ୍ମାର୍ଟ ରାସ୍ତା ନିର୍ମାଣ ପାଇଁ ଯୋଜନା କରାଯାଇଥିଲା। କିନ୍ତୁ ଯୋଜନା କାର୍ଯ୍ୟକାରୀ କ୍ଷେତ୍ରରେ ଏଯାବତ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ସ୍ଥାନୀୟ ବାସିନ୍ଦା ଓ ବ୍ୟବସାୟୀମାନେ କହିଛନ୍ତି। ସ୍ଥାନୀୟ କର୍ପୋରେଟର ନରସିଂହ ସେଠୀ କହିଛନ୍ତି, ଏ ବାବଦରେ ବିଇଏମସି କମିଶନରଙ୍କୁ ଅବଗତ କରାଯାଇଛି। ରାସ୍ତା ପ୍ରଶସ୍ତିକରଣ ପାଇଁ କେତେକ କ୍ଷେତ୍ରରେ ଜବରଦଖଲ ଉଚ୍ଛେଦ କରାଯିବ। ଏହାପରେ ସ୍ମାର୍ଟ ରାସ୍ତା ନିର୍ମାଣ କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଇଏମସି ପକ୍ଷରୁ କୁହାଯାଇଥିବା ସେ କହିଛନ୍ତି।

## ପାଚିକା, ସହାୟିକାଙ୍କ ପ୍ରଶିକ୍ଷଣ ଶିବିର

ଜି.ଉଦୟଗିରି,୧୧।୬(ଡି.ଏନ.ଏ.)

ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ଲିଙ୍ଗାଗଡ଼ ଗ୍ରାମରେ ବିଭିନ୍ନ ସରକାରୀ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ କାର୍ଯ୍ୟରତ ପାଚିକା ଓ ସହାୟିକା ଗୋଷ୍ଠୀମାନଙ୍କୁ ନେଇ ଏକ ଦିନିଆ ପ୍ରଶିକ୍ଷଣ ଲିଙ୍ଗାଗଡ଼ ନୋଡାଲ ଉଚ୍ଚ ବିଦ୍ୟାଳୟ ସ୍କୁଲରେ ଅନୁଷ୍ଠିତ ହୋଇଛି। ଏହି ଶିବିରରେ ଲିଙ୍ଗାଗଡ, ରାଇକଲା, କଟିଙ୍ଗିଆ କ୍ଲଷ୍ଟର ସମସ୍ତ ବିଦ୍ୟାଳୟରୁ ପାଚିକା ତଥା ସହାୟିକାମାନେ ଉପସ୍ଥିତ ଥିଲେ। ସାଧନ କର୍ମୀ ନିଳିମା ମଲିକ, ଶିକ୍ଷୟତ୍ରୀ ଶାସ୍ୱତୀ ଶ୍ୱେତପଦ୍ମା ବେହେରା, ଶିକ୍ଷୟତ୍ରୀ ସଞ୍ଜୁକ୍ତା ନାୟକ, ପ୍ରଧାନ ଶିକ୍ଷକ ନିରାକାର ସୁବୁଦ୍ଧି, ଶିକ୍ଷକ ପ୍ରଦୀପ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଏବିଇଓ ରଞ୍ଜନ ରାଉତ ରାୟ, ଏବିଇଓ ବୈକୁଣ୍ଠ ନାଥ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ରଞ୍ଜନ କୁମାର ଚୌଧୁରୀ, ସଶିତ କୁମାର ପ୍ରଧାନ, ସିଆରସିସି ରଞ୍ଜିତ କୁମାର ପାଢୀ, ସିଆରସିସି ରଞ୍ଜିତ ପ୍ରଧାନ ପ୍ରମୁଖ ପ୍ରଶିକ୍ଷଣ ଦେଇଥିବା ବେଳେ ମନ୍ଦାକିନୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ୫୨ ଜଣ ମହିଳାଙ୍କୁ ଖାଦ୍ୟ ନିରାପତ୍ତା ଓ ସ୍ୱଚ୍ଛତା ସମ୍ବନ୍ଧୀୟ ପ୍ରଶିକ୍ଷଣ ତାଲିମ ଦିଆଯାଇଥିଲା।

# ମୁଖ୍ୟ ଷଡ଼ଯନ୍ତ୍ରକାରୀ କୋର୍ଟ ଚାଲାଣ

### ପ୍ଲଟ ବ୍ୟବସାୟୀଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣା

ବ୍ରହ୍ମପୁର ଅଫିସ,୧୧।୬

ବଡ଼ବଜାର ଥାନା ଅନ୍ତର୍ଗତ ବାଲୁଙ୍କେଶ୍ୱର ମନ୍ଦିରରୁ ଘରକୁ ଫେରୁଥିବା ବଳରାମ ସାହୁ ଓରଫ ବଳିଆଙ୍କୁ ଗତ ୫ ତାରିଖରେ ସଂଘବଦ୍ଧ ଭାବେ ଖଣ୍ଡାରେ ଆକ୍ରମଣ କରାଯାଇଥିଲା। ଏହି ଘଟଣାର ତଦନ୍ତ ଓ ସିସିଟିଭି ଫୁଟେଜ ଆଧାରରେ ପୋଲିସ ମୁଖ୍ୟ ଷଡଯନ୍ତ୍ରକାରୀଙ୍କୁ ଗିରଫ କରିଛି। ସେ ହେଲେ କୃଷ୍ଣଚନ୍ଦ୍ର ସାହୁ ଓରଫ ଚଇ(୨୩)। ପୋଲିସ ତାଙ୍କ ମୋବାଇଲ ଫୋନ୍ ଜବତ କରିଛି। ୨୦୨୨ ଜୁନ ୫ ତାରିଖରେ ଚଇଙ୍କୁ ବଳରାମଙ୍କ ଭାଇ ଜଗନ୍ନାଥ ସାହୁ, ପ୍ରଦୀପ ସେଠୀ ଓ ସୁନୀଲ ସେଠୀ ଆକ୍ରମଣ କରିଥିଲେ।

ସେ ସମୟରେ ପୋଲିସ ୧୩୭/୨୨ରେ ଏକ ମାମଲା ରୁଜୁ କରି ଜଗନ୍ନାଥ ଓ ତାଙ୍କ ସହଯୋଗୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଚଇ ପ୍ରତିଶୋଧ ପରାୟଣ ହୋଇ ଜଗନ୍ନାଥଙ୍କ ଭାଇ ବଳରାମଙ୍କୁ ହତ୍ୟା ଯୋଜନା କରିଥିଲେ। ବଳରାମ ସ୍ଥାନୀୟ ବାଲୁଙ୍କେଶ୍ୱର ମନ୍ଦିରରୁ ଦର୍ଶନ ସାରି ଘରକୁ ଫେରୁଥିବା ବେଳେ ଯୋଜନା ଅନୁଯାୟୀ କୃଷ୍ଣଙ୍କ ସହଯୋଗୀମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଖଣ୍ଡାରେ ହାଣି ହତ୍ୟା ଉଦ୍ୟମ କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଜେରା ବେଳେ ଏହା ଜାଣିବାକୁ ପାଇଛି। ମାମଲା ନଂ. ୧୯୬/୨୩ କୃଷ୍ଣଚନ୍ଦ୍ରଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ଘଟଣାରେ ସମ୍ପୃକ୍ତ ଅନ୍ୟ ୩ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି। ଗୁରୁତର ଆହତ ବଳରାମ ଚିକିତ୍ସା ପାଇଁ ବିଶାଖାପାଟଣା ସ୍ଥାନାନ୍ତର ହୋଇଛନ୍ତି।


ଗିରଫ ଅଭିଯୁକ୍ତ।

# ଓଡ଼ିଶା ଟିମ୍‌ରେ ଗଞ୍ଜାମରୁ ୪ ପ୍ରତିଯୋଗୀ

### ଜାତୀୟସ୍ତରର ବକ୍ସିଂ ପ୍ରତିଯୋଗିତା

ବ୍ରହ୍ମପୁର ଅଫିସ,୧୧।୬

ସିକିମର ଗ୍ୟାଙ୍ଗଟକ ଠାରେ ଆସନ୍ତା ୧୩ ତାରିଖରୁ ଷଷ୍ଠ ଯୁବ ପୁରୁଷ ବକ୍ସିଂ ଚମ୍ପିୟନଶିପ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗୀତା ନିମନ୍ତେ ରବିବାର ଓଡ଼ିଶା ଟିମ୍ ସିକିମ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଟିମରେ ଗଞ୍ଜାମ ଜିଲାରୁ ୪ ପ୍ରତିଯୋଗୀ ଜାତୀୟ ସ୍ତରରେ ରାଜ୍ୟର ପ୍ରତିନିଧିତ୍ୱ କରିବା ସୁଯୋଗ ପାଇଛନ୍ତି। ଏହି ପ୍ରତିଯୋଗୀମାନେ ହେଲେ ଲଳିତ କୁମାର ପଣ୍ଡା, ଏସ. ସାଇ ପ୍ରତାପ, ତାରିଣୀ ଚରଣ ସାହୁ ଓ ଜି.ଯୋଗୀ। ସୂଚନାଯୋଗ୍ୟ, ଗତ ମାସରେ ରାଉରକେଲା ଠାରେ ରାଜ୍ୟ ବକ୍ସିଂ ପ୍ରତିଯୋଗୀ ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଉତ୍ତମ ପ୍ରଦର୍ଶନ କରିଥିବା ପ୍ରତିଯୋଗୀମାନେ ଜାତୀୟ ସ୍ତରରେ ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ଗଞ୍ଜାମର ପ୍ରତିଯୋଗୀମାନେ ରବିବାର ଟିମ କୋଚ ତଥା ଜାତୀୟ ରେଫେରୀ ଶିଶିର କୁମାର ପାଣିଗ୍ରାହୀ ଓ ବକ୍ସିଂ ଫେଡ଼େରେଶନ ଅଫ ଇଣ୍ଡିଆର ଉପସଭାପତି ଟି.ଡ଼ି ଅନୀଲ ବହିଦାରଙ୍କ ସହ ସିକିମ ଅଭିମୁଖେ ଯାତ୍ରା କରିଛନ୍ତି।


ଗଞ୍ଜାମର ପ୍ରତିଯୋଗୀମାନେ।

# ୧୫୦ ପରିବାର ପିଇବା ପାଣିରୁ ବଞ୍ଚିତ

### ଡ୍ରେନ୍ ପାଇଁ ଖୋଳିଦେଲେ ପାଇପ୍ ଲାଇନ

ବ୍ରହ୍ମପୁର ଅଫିସ,୧୧।୬

ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍ସି) ପକ୍ଷରୁ ବର୍ତ୍ତମାନ ବିଭିନ୍ନ ୱାର୍ଡରେ ଡ୍ରେନ କାର୍ଯ୍ୟ ଜାରି ରହିଛି। ପ୍ରତି ୱାର୍ଡରେ ସାହି ଗୁଡିକରେ ଘର ସମ୍ମୁଖରେ ଡ୍ରେନ କାର୍ଯ୍ୟ ନିମନ୍ତେ ରାସ୍ତା ଖୋଳାଯାଉଛି। ସହରର ଅନେକ ସାହିରେ ଡ୍ରେନ କାର୍ଯ୍ୟ ମଧ କିଛିଟା ସରିଥିବା ଦେଖିବାକୁ ମିଳିଛି। କିନ୍ତୁ କେତେକ ସ୍ଥାନରେ ରାସ୍ତା ଖୋଳିବା ସମୟରେ ପିଇବା ପାଣି ପାଇପ ଲାଇନ ବିଚ୍ଛିନ୍ନ କରାଯାଉଛି। ଯାହାଦ୍ୱାରା ବହୁ ଅଞ୍ଚଳରେ ଯାତାୟତ ସମସ୍ୟା ସାଙ୍ଗକୁ ଲୋକେ ପିଇବା ପାଣିରୁ ବଞ୍ଚିତ ହେଉଥିବା ବ୍ରହ୍ମପୁରର ପୂର୍ବତନ ବିଧାୟକ ଶିବଶଙ୍କର ସାହାଣୀ ଅଭିଯୋଗ କରିଛନ୍ତି। ମହାନଗର ନିଗମର ୭ ନଂ ୱାର୍ଡ ଅନ୍ତର୍ଗତ ବାଲାଜୀପେଣ୍ଠ ୨ୟ ଗୌଡ ସାହିରେ ଏଭଳି ସମସ୍ୟା ଦେଖିବାକୁ ମିଳିଛି। ଆଜକୁ ୫ ଦିନ ହେଲା ଉକ୍ତ ସାହିରେ ଡ୍ରେନ କାର୍ଯ୍ୟ ପାଇଁ ଘର ସମ୍ମୁଖ ରାସ୍ତାକୁ ଜେସିବି ମାଧ୍ୟମରେ ସଂପୂର୍ଣ୍ଣ ଖୋଳାଯାଇଛି। ଯନ୍ତ୍ରୀଙ୍କ ଅବହେଳା କାରଣରୁ ସାହି ମଧ୍ୟରେ ରହିଥିବା ପିଇବା ପାଣି ପାଇପ ଲାଇନ ଗୁଡିକ ବିଚ୍ଛିନ୍ନ ହୋଇଥିବା ଅଭିଯୋଗ ହୋଇଛି। ଫଳରେ ସାହି ବାସିନ୍ଦା ପିଇବା ପାଣ ପାଇବାରୁ ବଞ୍ଚିତ ହୋଇଛନ୍ତି। ଉକ୍ତ ଅଞ୍ଚଳର ପ୍ରାୟ ୧୫୦ ପରିବାର ବର୍ତ୍ତମାନ ପିଇବା ପାଣି ପାଉନାହାନ୍ତି। ଏପରିକି ପାଇପ ଲାଇନ ଫାଟି ଯାଇଥିବା କାରଣରୁ ପାଣି ଆସିବା ସମୟରେ ରାସ୍ତା ମଝିରେ ଶତାଧିକ ଲିଟର ପାଣି ନଷ୍ଟ ହେଉଛି। ଅନ୍ୟପଟେ ରାସ୍ତା ଖୋଳା ଯାଇ ଘର ସମ୍ମୁଖରେ ମାଟି ପଡି ରହିଥିବା କାରଣରୁ ସ୍ଥାନୀୟ ବାସିନ୍ଦା ଘରୁ ବାହାରିବା ମୁସ୍କିଲ ହୋଇପଡିଛି। ଜରୁରୀ ପଡ଼ିଲେଧପଧ ଲୋକେ ଘର ବାହାରକୁ ଆସିପାରୁ ନାହାନ୍ତି। ରାସ୍ତା ଖୋଳାଯାଇଥିବା କାରଣରୁ ଛୋଟ ଶିଶୁମାନେ ଡ୍ରେନରେ ପଡିଯିବା ଆଶଙ୍କା ଦେଖାଦେଇଛି। ପୂର୍ବରୁ ସାହି କମିଟି ପକ୍ଷରୁ ଘର ସମ୍ମୁଖରେ ଡ୍ରେନର ଆବଶ୍ୟକତା ନ ଥିବା ନେଇ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏ ବାବଦରେ ବିଇଏମସିକୁ ମଧ ଅବଗତ କରାଯାଇଥିଲା। କିନ୍ତୁ ପୁଣି ଥରେ କେଉଁ କାରଣରୁ ଡ୍ରେନ ପାଇଁ ରାସ୍ତା ଖୋଳାଗଲା ବୋଲି ସ୍ଥାନୀୟ ବାସିନ୍ଦା ପ୍ରଶ୍ନ ଉଠାଇଛନ୍ତି। ଏ ନେଇ ବିଧାୟକ, ଏମପି ଓ ମେୟରଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି। ସ୍ଥାନୀୟ କର୍ପୋରେଟର ଟି. କିଶୋର ପାତ୍ର କହିଛନ୍ତି ଯେ, ବିଚ୍ଛିନ୍ନ ହୋଇଥିବା ପିଇବା ପାଣି ପାଇପ ଲାଇନଗୁଡିକୁ ପୁନଃ ସଂଯୋଗ କରାଯାଉଛି। ଖୁବଶୀଘ୍ର ରାସ୍ତା ଉପରୁ ମାଟି ଉଠାଯାଇ ଡ୍ରେନ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି।


ସାହି ମଧ୍ୟରେ ଡ୍ରେନ୍ ପାଇଁ ଖୋଳାଯାଇଥିବା ରାସ୍ତା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୨ ଜୁନ୍, ୨୦୨୩



## ରାଜପଥରେ ଗଛପଡ଼ି ଅବରୋଧ

ଜି.ଉଦୟଗିରି,(ଡି.ଏନ.ଏ.): ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ଲିଙ୍ଗାଗଡ଼ ଗ୍ରାମପଞ୍ଚାୟତ ନିକଟସ୍ଥ ଜାକାମାହାଠାରେ ଗଛ ପଡି ୭ନଂ ରାଜ୍ୟ ରାଜପଥ ଅବରୋଧ ହେବା ଫଳରେ ଉଭୟ ପାର୍ଶ୍ୱରେ ଘଣ୍ଟା ଘଣ୍ଟା ଧରି ଗାଡିମୋଟର ଅଟକି ରହିଥିବା ଦେଖିବାକୁ ମିଳିଛି। ଜି.ଉଦୟଗିରି ଦମକଳ ଓ ବିପର୍ଯ୍ୟୟ ପ୍ରଶମନ ବାହିନୀ ପହଞ୍ଚି ଗଛ କାଟି ଅବରୋଧକୁ ସଫା କରିଥିଲେ। ଜି.ଉଦୟଗିରିଠାରୁ ରାଇକିଆ ରାସ୍ତା ମଧ୍ୟରେ ଏପରି ଅନେକ ଦୁର୍ବଳ ଓ ଶୁଖିଲା ଥୁଣ୍ଟା ଗଛ ରହିଅଛି। ବିଭାଗୀୟ କର୍ତ୍ତୃପକ୍ଷ ଏସବୁ ଗଛ କାଟିବା ପାଇଁ ଦାବି ହେଉଛି। ରବିବାର ଏହି ଗଛ ପଡ଼ିବା ବେଳେ ଅଳ୍ପକେ ଗୋଟିଏ ଅଟୋ ବର୍ତ୍ତିଯାଇଛି। ଆଗକୁ ଯେପରି ବିପଦ ନଆସେ ସେଥିପାଇଁ ଏହି ଶୁଖିଲା ଗଛ କାଟିବା ପାଇଁ ଲିଙ୍ଗାଗଡ଼ ସରପଞ୍ଚ ଅବୋଲକରା ପ୍ରଧାନ ଦାବି କରିଛନ୍ତି।

## ରଥଯାତ୍ରା ପ୍ରସ୍ତୁତି ବୈଠକ

ସୋରଡା,୧୧।୬(ଡି.ଏନ୍.ଏ): ରଥଯାତ୍ରା ପାଳନ ପାଇଁ ତହସିଲଦାର ତଥା ମନ୍ଦିର ଟ୍ରଷ୍ଟି ପ୍ରଫୁଲ କୁମାର ଡାକୁଆଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ୨୦ ତାରିଖରେ ରଥଯାତ୍ରା ହେବାକୁ ଥିବା ବେଳେ ଏଥିରେ ରାଜା ସାହେବ ଦେବଦତ୍ତ ସିଂଦେଓ ଯୋଗଦେଇ ଛେରାପହଁରା ନୀତି ସମ୍ପର୍ଣ୍ଣ କରିବେ। ଚଳିତ ଥର ରଥ ଟଣା ସମୟରେ ଦୁର୍ଘଟଣା ଆଶଙ୍କାରେ ବଡଦାଣ୍ଡରେ ଗାଡି, ମୋଟର ଚଳାଚଳ ସହ ପାର୍କିଂକୁ ବାରଣ କରାଯାଇଛି। ସତ୍ୟସାଇ ସେବା ଦଳ ପାନୀୟ ଜଳ ବଣ୍ଟନ ଓ ସିଞ୍ଚନ ସେବା ଯୋଗାଇଦେବେ । ବିଭିନ୍ନ ଅଞ୍ଚଳରୁ କୀର୍ତ୍ତନ ଦଳ ମାନେ ଯୋଗଦେବେ । ନିର୍ଦ୍ଧାରିତ ସମୟରେ ପହଣ୍ଡି କାର୍ଯ୍ୟ ସମ୍ପାଦନ ହୋଇ ରଥଟଣା ପାଇଁ ନିଷ୍ପତି ହୋଇଥିଲା। ଏହି ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ପରିଚାଳନା କମିଟିର ସଞ୍ଜୀବ ପଟନାୟକ, ରଜନୀ ମହାପାତ୍ର, ଅଶୋକ ପାତ୍ର ପ୍ରମୁଖ ପରିଚାଳନା କରିଥିବା ବେଳେ ଦିବ୍ୟଜୀବନ ସଂଘ, ବଣିକ ସଂଘ, ସେବାୟତ, ଦଇତାପତିମାନେ ଯୋଗଦେଇଥିଲେ।

# ତଦନ୍ତ ଆରମ୍ଭ କଲା କ୍ରାଇମବ୍ରାଞ୍ଚ

### ନବୋଦୟ ଛାତ୍ରୀ ସୌଦାମିନୀ ମୃତ୍ୟୁ ମାମଲା


ଛାତ୍ରୀ ସୌଦାମିନୀଙ୍କ ଘରେ କ୍ରାଇମବ୍ରାଞ୍ଚ ଟିମ୍ ପହଞ୍ଚି ପଚରାଉଚରା କରୁଛନ୍ତି।

ପାରଳାଖେମୁଣ୍ଡି, ୧୧।୬ (ଡି.ଏନ୍.ଏ)
ଗଜପତି ଜିଲା ପାରଳାଖେମୁଣ୍ଡି ନବୋଦୟ ବିଦ୍ୟାଳୟର ଛାତ୍ରୀ ସୌଦାମିନୀ ରଇତଙ୍କ ମୃତ୍ୟୁ ମାମଲାର ତଦନ୍ତ ଭାର ଗ୍ରହଣ କରିଛି କ୍ରାଇମବ୍ରାଞ୍ଚ। ରବିବାର ଅପରାହ୍ନରେ କ୍ରାଇମବ୍ରାଞ୍ଚର ୪ଜଣିଆ ଟିମ ଡିଏସପି ନିରଞ୍ଜନ ବେହେରାଙ୍କ ନେତୃତ୍ୱରେ ପାରଳାଖେମୁଣ୍ଡି ପୋଲିସଠାରୁ ସମସ୍ତ ଦସ୍ତାବିଜ ନେବା ସହ ମୃତ ଛାତ୍ରୀଙ୍କ ପିତାମାତାଙ୍କୁ ଭେଟିବା ପାଇଁ କାଶୀନଗର ଯାଇଥିଲେ। ସେଠାରେ ତାଙ୍କ ପିତାମାତାଙ୍କୁ ଭେଟି ଘଟଣାର ସବିଶେଷ ତଥ୍ୟ ବୁଝିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ କ'ଣ ଥିଲା, ପୋଲିସ ତଦନ୍ତ ଉପରେ କାହିଁକି ସନ୍ଦେହ ହେଲା, ସେଦିନ ଘଟଣାସ୍ଥଳର ପାରିପାର୍ଶ୍ୱିକ ସ୍ଥିତି କିଭଳି ଥିଲା, ବିଦ୍ୟାଳୟ କର୍ତ୍ତୃପକ୍ଷ କେତେବେଳେ ଘଟଣା ସମ୍ପର୍କରେ ଅଭିଭାବକଙ୍କୁ ଜଣାଇଲେ ସେ ସମସ୍ତ ତଥ୍ୟ ପଚାରି ବୁଝିଛନ୍ତି। ପରେ ମୃତ ଛାତ୍ରୀଙ୍କ ପିତା ଡେଭିଡ ରଇତ ଓ ମାତା ସୁଜ୍ଞାନୀ ଗମାଙ୍ଗଙ୍କ ବୟାନ ରେକର୍ଡ କରିଛନ୍ତି। ସୋମବାର ଏହି ଟିମ ନବୋଦୟ ବିଦ୍ୟାଳୟ ଯିବେ ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ, ଏହି ଘଟଣାରେ ପୂର୍ବରୁ ମୃତ ଛାତ୍ରୀଙ୍କ ମା'ବାପା ଏହି ଘଟଣାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ଦେବାପାଇଁ ଦାବି କରିଆସୁଥିଲେ। ଗତ ଫେବ୍ରୁଆରୀ ୧୯ରେ ସୌଦାମିନୀଙ୍କ ମୃତ୍ୟୁ ହୋଇଥିଲା। ପାରଳାଖେମୁଣ୍ଡି ପୋଲିସର ତଦନ୍ତ ପ୍ରକ୍ରିୟାକୁ ନେଇ ବାପା ମା' ସନ୍ଦେହ କରିଥିଲେ। ତେଣୁ କ୍ରାଇମବ୍ରାଞ୍ଚ ତଦନ୍ତ କରିବା ପାଇଁ ପ୍ରଶାସନ ନିକଟରେ ଦାବି କରି ମାର୍ଚ୍ଚ ୨୫ରୁ ସିପିଏମ ଦଳର କର୍ମକର୍ତ୍ତା ଓ ଗ୍ରାମବାସୀଙ୍କ ସହଯୋଗରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ଗତ ୯ ତାରିଖ ଦିନ ଜୋରଦାର ବିକ୍ଷୋଭ କରିଥିଲେ। ପରେ ଗଜପତି ଏସପି ଏସ. ସ୍ୱାତୀକୁମାର ପହଁଚି କ୍ରାଇମବ୍ରାଞ୍ଚକୁ ତଦନ୍ତ ଭାର ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ଏସ୍‌ଓପି ଜାରିକଲା ଓସ୍‌ଡମା

### ୧୯ରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ମକ୍‌ଡ୍ରିଲ୍

ଛତ୍ରପୁର,୧୧।୬(ଡି.ଏନ.ଏ)
ଗଞ୍ଜାମ ଜିଲାର ସମସ୍ତ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ନେଇ ମକ୍‌ଡ୍ରିଲ୍ ଆସନ୍ତା ୧୯ ତାରିଖରେ କରାଯିବ। ଏନେଇ ଓସଡମା (ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ)ଙ୍କ ପକ୍ଷରୁ ଏସଓପି ଜାରି କରାଯାଇଛି। ଏ ସମ୍ପର୍କରେ ଗଞ୍ଜାମ ଜିଲାପାଳଙ୍କୁ ଓସଡମାର ପରିଚାଳନା ନିର୍ଦ୍ଦେଶକଙ୍କ ପକ୍ଷରୁ ଚିଠି ଆସିଛି । ମିଳିଥିବା ସୂଚନା ଅନୁସାରେ ୧୩ ତାରିଖରେ ଜିଲା ଓ ବ୍ଲକସ୍ତରରେ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ବୈଠକ କରାଯିବ ଏବଂ ଏଥିରେ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀ ପରିଚାଳନା କମିଟିର ସଭାପତି ଓ ସମ୍ପାଦକଙ୍କୁ ଡକାଯିବ। ୧୮ ତାରିଖରେ ସମସ୍ତ ବିଭାଗର ଜିଲାସ୍ତରୀୟ ଅଫିସରମାନଙ୍କୁ ନେଇ ବୈଠକ ଡକାଯାଇ ବିପର୍ଯ୍ୟୟ ପ୍ରସ୍ତୁତିର ରୂପରେଖ ନିର୍ଦ୍ଧାରଣ କରାଯିବାକୁ କୁହାଯାଇଛି। ପରେ ୧୯ ତାରିଖରେ ସମସ୍ତ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ପ୍ରସ୍ତୁତି ନେଇ ମକ୍‌ଡ୍ରିଲ କରାଯିବ। ଏଥିରେ ଆଶ୍ରୟସ୍ଥଳୀ ପରିଚାଳନା କମିଟିର ସଦସ୍ୟ, ଗାଁସ୍ତରୀୟ ବିପର୍ଯ୍ୟୟ ପରିଚାଳନା କମିଟିର ଟାସ୍କଫୋର୍ସ ସ୍ୱେଚ୍ଛାସେବୀ, ପଞ୍ଚାୟତିରାଜ ପ୍ରତିନିଧି, ମିଶନ ଶକ୍ତି ସଦସ୍ୟା, ନୋଡାଲ ଏନଜିଓ ପ୍ରତିନିଧି ଓ ସ୍ଥାନୀୟ ଯୁବ ସ୍ୱେଚ୍ଛାସେବୀମାନଙ୍କୁ ସାମିଲ କରିବାକୁ କୁହାଯାଇଛି । ଏଥିସହ ଉକ୍ତ ମକ୍‌ଡ୍ରିଲ୍ ବେଳେ ଏନଡିଆରଏଫ୍, ଓଡ୍ରାଫ୍, ଅଗ୍ନିଶମ ସେବା ପକ୍ଷରୁ ବିପର୍ଯ୍ୟୟ ପରିଚାଳନା ଉଦ୍ଧାର କୌଶଳ ପ୍ରଦର୍ଶନ କରାଯିବ। ପ୍ରତି ବର୍ଷ ଜୁନ୍ ୧୯ରେ ବିପର୍ଯ୍ୟୟ ପ୍ରସ୍ତୁତି ସମ୍ବନ୍ଧୀୟ ମକ୍‌ଡ୍ରିଲ୍ ହୋଇଆସୁଛି।

## ନବମ ଶ୍ରେଣୀ ଛାତ୍ରୀଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

ଫୁଲବାଣୀ ଅଫିସ, ୧୧।୬
ଫୁଲବାଣୀ ଟାଉନ ଥାନା ଅନ୍ତର୍ଗତ ଫରେଷ୍ଟ କଲୋନୀରେ ଜଣେ ନବମ ଶ୍ରେଣୀ ଛାତ୍ରୀ ରବିବାର ଆତ୍ମହତ୍ୟା କରିଛନ୍ତି। ଛାତ୍ରୀ ଜଣକ ମାମୁଁ ଘର କଂଟ୍ରାକ୍ଟରପଡାରେ ରହି ପାଠ ପଢୁଥିଲେ। ରବିବାର ଘରେ କେହି ନ ଥିବାର ସୁଯୋଗ ନେଇ ଆତ୍ମହତ୍ୟା କରିଥିଲେ । ତାଙ୍କ ମାଉସୀ ଘରେ ପହଞ୍ଚି ସାହି ଛାତ୍ରୀଙ୍କୁ ଉଦ୍ଧାର କରି ମେଡିକାଲ ନେଇଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଆତ୍ମହତ୍ୟାର କାରଣ ଜଣାପଡ଼ିନଥିବା ବେଳେ ଟାଉନ ପୋଲିସ ନଂ. ୧୯/୨୩ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ଓଡ଼ିଶା ମୋଟର ଚାଳକ ସଂଘର ବୈଠକ

ଟିକାବାଲି, ୧୧।୬
କନ୍ଧମାଳ ଜିଲା ଟିକାବାଲି ମା' ବ୍ୟାଘ୍ର ଦେବୀ ଘରୋଇ ମଟର ଚାଳକ ସଂଘର ସାଧାରଣ ବୈଠକ କେନ୍ଦୁଗୁଡାରି ନର୍ସରୀଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ରମାକାନ୍ତ ବିଷୋୟୀ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ପ୍ରତ୍ୟେକ ଡ୍ରାଇଭମାନଙ୍କୁ ଗାଡି ଚାଳନା ବେଳେ ମଦ୍ୟପାନ ନ କରିବାକୁ ବାରଣ କରାଯାଇଥିଲା। ଏଥିସହ ଯାତ୍ରୀଙ୍କୁ ଉତ୍ତମ ବ୍ୟବହାର କରିବା, ଗାଡି ଚାଳନା ବେଳେ ସିଟ୍ ବେଲଟ୍ ଲଗେଇବା, ଯେ କୌଣସି ସ୍ଥାନକୁ ଗାଡି ଭଡା ଯିବା ପୂର୍ବରୁ ସଂଘକୁ ଅବଗତ କରିବା, ସଂଘର କୌଣସି ଡ୍ରାଇଭରଙ୍କ ଦୁର୍ଘଟଣାରେ ମୃତ୍ୟୁ ହେଲେ କଲ୍ୟାଣ ପାଣ୍ଠି ତରଫରୁ ତାଙ୍କ ପରିବାରକୁ ୨୦ ହଜାର ଟଙ୍କା ପ୍ରଦାନ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆ ଯାଇଥିଲା। ଅନୁଷ୍ଠିତ ଏହି ବୈଠକରେ ସଂଘ ପୂର୍ବତନ ସଭାପତି ଲଲାଟ ଭୋଇ, ସମ୍ପାଦକ ଶ୍ରୀକାନ୍ତ ଭୋଇ, ସହ ସମ୍ପାଦକ ସୀମାଞ୍ଚଳ ପଣ୍ଡା, ମନୋଜ ଦଳବେହେରା, ଶ୍ରୁକାନ୍ତ ମହାପାତ୍ର, ଶ୍ରୀଧର ପ୍ରଧାନ, ବ୍ରହ୍ମାନନ୍ଦ ମଲିକ, ସନ୍ତୋଷ ସାହୁ, ସୀତାରାମ କହଁର, ହେମନ୍ତ ମୁଖି, ଅନୀଲ୍ ସାହୁ, କୃଷ୍ଣ କହଁର, ଶ୍ରୀଧର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଉପସ୍ଥିତ ଡ୍ରାଇଭର ମାନେ।

## କେନ୍ଦ୍ରୀୟ ଟିମ୍‌ଙ୍କ କୋଦଳା ଏନ୍‌ଏସି ଗସ୍ତ


କେନ୍ଦ୍ରୀୟ ଟିମ୍‌ର ଗସ୍ତ।

ବେଗୁନିଆପଡ଼ା,୧୧।୬
ଶନିବାର କେନ୍ଦ୍ରୀୟ ଟିମ୍ କୋଦଳା ଏନଏସି ଗସ୍ତରେ ଆସି ଏନଏସି କାର୍ଯ୍ୟାଳୟଠାରେ କେନ୍ଦ୍ରୀୟ ଯୋଜନାର ଲାଭାର୍ଥୀଙ୍କ ସହ ଆଲୋଚନା କରିଛନ୍ତି। ଏଥିରେ ଝାଡଖଣ୍ଡ ଭାଜପାର ପୂର୍ବତନ ସଭାପତି ଦୀନେଶାନନ୍ଦ ଗୋସ୍ୱାମୀଙ୍କ ସହ ରାଜ୍ୟ ଭାଜପା ଉପସଭାପତି ଅନୀତା ଶୁଭଦର୍ଶନୀ, ଘୁମୁସର ସାଙ୍ଗଠନିକ ଜିଲା ସଭାପତି ଗୋକୁଳାନନ୍ଦ ମଲ୍ଲିକ, କୋଦଳା ଏନ୍‌ଏସି ଅଧକ୍ଷ ସୂର୍ଯ୍ୟ ନାରାୟଣ ନାୟକ, ଉପାଧକ୍ଷା ରଞ୍ଜିତା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ତୃଣମୂଳସ୍ତରରେ ଯୋଜନାଗୁଡିକ କାର୍ଯ୍ୟକାରୀ କରିବା ପାଇଁ କେଉଁ କେଉଁ ସମସ୍ୟା ରହୁଛି, ରାଜ୍ୟ ସରକାରଙ୍କ ପକ୍ଷରୁ କିଭଳି ସହଯୋଗ ମିଳୁଛି ସେ ନେଇ ମଧ ଆଲୋଚନା ହୋଇଥିବା ସୂଚନା ମିଳିଛି।

## ତ୍ରିଲୋଚନ ତ୍ରିପାଠୀ ପରିଚାଳନା କମିଟି ସଭାପତି

### ଶହୀଦ ଭଗତ ସିଂ ଡିଗ୍ରୀ କଲେଜ

ଗଞ୍ଜାମ,୧୧।୬(ଡି.ଏନ.ଏ.)
ଗଞ୍ଜାମ ବ୍ଲକ ଖଣ୍ଡଦେଉଳିଠାରେ ଥିବା ଶହୀଦ ଭଗତ ସିଂ ଡିଗ୍ରୀ ମହାବିଦ୍ୟାଳୟ ପାଇଁ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ମନୋନୀତ ନୂତନ ପରିଚାଳନା କମିଟି ସଭାପତି ତ୍ରିଲୋଚନ ତ୍ରିପାଠୀଙ୍କୁ କଲେଜ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ କଲେଜ ଅଧକ୍ଷା ମିନତୀ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ କଲେଜ ପ୍ରତିଷ୍ଠାତା ବଂଶୀଧର ଗୌଡ଼, ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ନାୟକ, ରାମଚନ୍ଦ୍ର ଗୌଡ଼, ଅଧାପକ ଆନନ୍ଦ ଗୌଡ଼, ଅଧାପିକା ଜୟନ୍ତୀ ବେହେରା, ଦେବୀପ୍ରସାଦ ପଟ୍ଟନାୟକ, ଆଖଣ୍ଡଳମଣି ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅଧାପକ ଲିଙ୍ଗରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ନୂତନ ପରିଚାଳନା କମିଟି ସଭାପତିଙ୍କୁ ସମ୍ବର୍ଦ୍ଧନା।

# ସରୁନି ଧରାକୋଟ-ଜାନବିଲି ରାସ୍ତା ନିର୍ମାଣ

ଧରାକୋଟ, ୧୧।୬ (ଡି.ଏନ୍.ଏ)
ଧରାକୋଟ-ଜାନବିଲି ୫ କିମି ରାସ୍ତା ସଂପ୍ରତି ନିର୍ମାଣ ଚାଲିଛି। ଦୀର୍ଘଦିନ ହେଲା ଠିକାଦାର ଅଧପନ୍ତରିଆ ଭାବରେ ଛାଡ଼ିଦେଇ ଚାଲିଯାଇଛନ୍ତି। ବାରମ୍ବାର ଅଭିଯୋଗ ପରେ ବିଭାଗ ତରଫରୁ ଠିକାଦାରଙ୍କୁ ତୁରନ୍ତ ନିମାଣ କାର୍ଯ୍ୟ ଆରମ୍ଭ ପାଇଁ ଚିଠି ଲେଖାଯାଇଛି। ହେଲେ ଏହା ମଧ୍ୟରେ ନୂତନ ଭାବେ ନିର୍ମାଣ କରାଯାଇଥିବା ପିଚୁ ରାସ୍ତା ଭରିଯାନ ଚଳାଚଳ ଯୋଗୁଁ ଧସିଯାଇଛି। ଏଣୁ ନିମ୍ନମାନର ନିର୍ମାଣ କାର୍ଯ୍ୟ ସହ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଭଞ୍ଜନଗର ପୂର୍ତ୍ତ ବିଭାଗ ଅଧିନରେ ରହିଛି ଧରାକୋଟ-ଜାନବିଲି ରାସ୍ତା । ଏହି ରାସ୍ତା ନର୍ମାଣ କାର୍ଯ୍ୟ ପାଇଁ ୬ କୋଟି ଟଙ୍କା ମଞ୍ଜୁର ହେବା ପରେ ବର୍ତ୍ତମାନ ଏହାର ନିର୍ମାଣ କାର୍ଯ୍ୟ ଚାଲିଛି। ୫ କିମି ରାସ୍ତା ଅଧାପନ୍ତରିଆ ଭାବେ ଦୀର୍ଘ ଦିନ ହେଲା ପଡିରହିଛି। ମେଡିକାଲ ଠାରୁ ଥାନା ପର୍ଯ୍ୟନ୍ତ ପ୍ରାୟ ୫ ଶହ ମିଟର ରାସ୍ତା ନିର୍ମାଣ କାର୍ଯ୍ୟ ସରିଛି । ହେଲେ ଥାନା ସମ୍ମୁଖରେ ଗୋଲେଇ ଛକ ଭାରି ଯାନ ଚଳାଚଳ ଯୋଗୁଁ ଧସିଯାଇଛି । ନିର୍ମାଣର ଏକ ମାସ ଯାଇନି ରାସ୍ତା ଧସି ନଷ୍ଟ ହୋଇଗଲାଣି। ସୋରଡା ପୂର୍ତ୍ତ ବିଭାଗ ଉପଖଣ୍ଡ ସହ ବଡଗଡ ସେକ୍ସନର ପଦାଧିକାରୀ ଏହାର ନିର୍ମାଣ କାର୍ଯ୍ୟ ତଦାରଖ କରୁଛନ୍ତି । ହେଲେ ରାସ୍ତା କାହିଁକି ଧସିଲା ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ ବେଳେ ସଦ୍ୟ ନିର୍ମିତ ରାସ୍ତାର ଗୋଲେଇ ଛକ ଅଂଶ ସଂକୀର୍ଣ୍ଣ ହୋଇଥିବାରୁ ଅଧିକ ଭାର ନେଇ ଯାଉଥିବା ଗାଡ଼ି ଚାପରେ ଧସିଯାଇଛି । ଏହାର ପୁନଃ ନିର୍ମାଣ କରାଯିବ ବୋଲି ପ୍ରକାଶ କରିଛନ୍ତି। ଅନ୍ୟ ପଟରେ ଦୀର୍ଘ ଦୁଇମାସରୁ ଅଧିକ ସମୟ ହେଲା ବ୍ରିଜ ଠାରୁ ନେଳିଆ ବନ୍ଧ ପର୍ଯ୍ୟନ୍ତ ୧୫୦୦ ମିଟର ରାସ୍ତା ମେଟାଲିଙ୍ଗ କରି ଛାଡ଼ି ଦିଆଯାଇଛି। ପିଚୁ କାର୍ଯ୍ୟ ଆରମ୍ଭ ହୋଇନଥିବାରୁ ରାସ୍ତା ସାରା ମେଟାଲ ଉଠିଯାଇ ପ୍ରତିଦିନ ଦୁର୍ଘଟଣା ଘଟୁଛି। ଏଣୁ ତୁରନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ଜନସାଧାରଣ ଦାବି କରିଛନ୍ତି।




## ଓସ୍‌ଭାଓ୍ୱା ଏଡିନର ସାପକାମୁଡ଼ା ସର୍ଭେ

ବେଗୁନିଆପଡ଼ା,୧୧।୬
ସର୍ପ ଦଂଶନକୁ ନେଇ ଓସ୍‌ଭାଓ୍ୱା ଏଡିନ୍ ନାମକ ଏକ ଅନ୍ତର୍ଜାତୀୟ ସଂସ୍ଥା ପକ୍ଷରୁ ଏକ ଟିମ୍ ଗଞ୍ଜାମ ଜିଲାର ଏକମାତ୍ର ଗ୍ରାମକୁ ସର୍ଭେ କରିବାକୁ ଆସିଛି। ଗଞ୍ଜାମ ଜିଲାର ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ବୁରୁଝୁରୀ ପଞ୍ଚାୟତରେ ଶନିବାର ସର୍ଭେ କରିଛନ୍ତି ସଂସ୍ଥାର କର୍ମକର୍ତ୍ତା। ସର୍ପ ଦଂଶନ ପରେ ଲୋକମାନେ କ'ଣ କରୁଛନ୍ତି, କେତେଜଣ ଏହି ଗ୍ରାମର ସାପ କାମୁଡ଼ାରେ ଆହତ ଓ ମୃତ୍ୟୁବରଣ କରିଛନ୍ତି, ସେ ନେଇ ସର୍ଭେ କରିଥିବା ଦେଖିବାକୁ ମିଳିଛି। ସାପ କାମୁଡ଼ିଲେ ଲୋକମାନେ ପୁରୁଣା ପ୍ରଥା ଅନୁସାରେ ଝଡ଼ାଫୁଙ୍କା କରୁଛନ୍ତି କି, ତୁରନ୍ତ କେଉଁ ପଦକ୍ଷେପ ନେଉଛନ୍ତି ସେ ନେଇ ଗ୍ରାମର ଅନେକ ମହିଳା ଓ ପୁରୁଷଙ୍କ ସହ ଆଲୋଚନା କରିଥିଲେ ଉକ୍ତ ଟିମ୍‌ର କର୍ମକର୍ତ୍ତା। ସାପ କାମୁଡ଼ିଲେ କେଉଁ କେଉଁ ପଦକ୍ଷେପ ନେବା ଆବଶ୍ୟକ, ସେ ନେଇ ଲୋକମାନଙ୍କୁ ସଚେତନ କରିଥିଲେ ଉକ୍ତ ଟିମ୍‌ର କର୍ମକର୍ତ୍ତା। ଏଥିରେ ବ୍ଲକ ଅଧକ୍ଷା ପ୍ରତିନିଧି ଦୁର୍ଯ୍ୟୋଧନ ଗୌଡ଼, ମହେଶ୍ୱର ବରାଡ଼ ପ୍ରମୁଖ ଉପସ୍ଥିତ ଥିଲେ।


ସର୍ଭେ କରୁଛନ୍ତି ଟିମ୍ କର୍ମକର୍ତ୍ତା।

## ଭାଜପାର ମହାଜନସମ୍ପର୍କ ଅଭିଯାନ

ଆସିକା,୧୧।୬ (ଡି.ଏନ୍.ଏ)
ଘୁମୁସର ଜିଲା ଭାଜପା ପକ୍ଷରୁ ରବିବାର ମୋଦୀ ସରକାରଙ୍କ ୯ବର୍ଷ ପୂର୍ତ୍ତି ଅବସରରେ ଦଳର ମହାଜନସମ୍ପର୍କ ଅଭିଯାନ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଝାଡଖଣ୍ଡ ପୂର୍ବତନ ଭାଜପା ରାଜ୍ୟ ସଭାପତି ଦିନେଶ ନନ୍ଦ ଗୋସ୍ୱାମୀ ଯୋଗଦେଇଥିଲେ । ଏହି ଅବସରରେ ସେ ଆସିକା ଏନଏସିର ୧୬ ନମ୍ବର ୱାର୍ଡ ଲଛମନପଲ୍ଲୀ ଗ୍ରାମକୁ ଯାଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଉପଭୋକ୍ତାଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ। ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଗୋସ୍ୱାମୀ କେନ୍ଦ୍ରର ନରେନ୍ଦ୍ରୀ ମୋଦୀ ସରକାରର ୯ବର୍ଷର ଶାସନକାଳରେ ବିଭିନ୍ନ ଜନାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଅନିତା ଶୁଭଦର୍ଶିନୀ, ପୂର୍ବତନ ବିଧାୟକ ଦେବରାଜ ମହାନ୍ତି, ଘୁମୁସର ଜିଲା ସଭାପତି ଗୋକୁଳାନନ୍ଦ ମଲିକ, ଅନିଲ କୁମାର ପଣ୍ଡା, ମହେଶ ମହାନ୍ତି, ସରୋଜ ଭଞ୍ଜ, ଦୁର୍ଗାଚରଣ ପଟ୍ଟନାୟକ, ରାଘବ ସିଅଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ସାମିଲ ଥିଲେ।



ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ।

# କମୁଛି ଚାଷ ଜମି, ବଢୁଛି ଘରବାରି

### ଗ୍ରାମାଞ୍ଚଳ ଉପରେ ଜମି ମାଫିଆଙ୍କ ନଜର

ପାରଳାଖେମୁଣ୍ଡି, ୧୧।୬ (ଡି.ଏନ୍.ଏ)
ଗ୍ରାମାଞ୍ଚଳ ଗୁଡିକରେ ଚାଷ ଜମି ପରିମାଣ କମି କମି ଯାଉଥିବା ବେଳେ ଘରବାରି ବଢୁଥିବାର ପରିଲକ୍ଷିତ ହେଉଛି। ଜମିମାଫିଆ ତଥା ଦଲାଲମାନେ ସହରାଞ୍ଚଳର ଆଖପାଖରେ ଥିବା ଚାଷ ଜମି ଉପରେ ଲୋଲୁପ ଦୃଷ୍ଟି ପକାଇ ଚାଲିଥିବା ବେଳେ ଏବଂ ଏବେ ନଜର ଗ୍ରାମାଞ୍ଚଳ ଉପରେ ରହିଛି। ଅନ୍ୟପକ୍ଷରେ ଚାଷୀମାନଙ୍କୁ ପ୍ରୋତ୍ସାହନ ଠିକ ମିଳୁନଥିବାରୁ ଚାଷୀମାନେ ଦାଦନ ଖଟିବା ପାଇଁ ବାହାର ରାଜ୍ୟକୁ ଚାଲିଯାଉଛନ୍ତି। ଠିକ ସମୟରେ ଦଲାଲ ତଥା ଜମିମାଫିଆମାନେ ସୁଯୋଗ ଉଣ୍ଡି ଜମିଗୁଡିକୁ ଶସ୍ତା ଦରରେ କ୍ରୟ କରି ଘରବାରି ତଥା ପ୍ଲଟ ଆକାରରେ ଚଢାଦରରେ ବିକ୍ରି କରୁଥିବାର ଜଣାପଡିଛି। ଏହି ଘଟଣା ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ଗାରବନ୍ଧ ଅଞ୍ଚଳରେ ଦେଖିବାକୁ ମିଳିଛି।



ଗାରବନ୍ଧ ଗ୍ରାମ ବ୍ୟବସାୟୀକ ପେଣ୍ଠସ୍ଥଳୀ ଭାବେ ପରିଚିତ ଥିବା ବେଳେ ଗ୍ରାମକୁ ଲାଗିଥିବା ଚାଷ ଜମିଗୁଡିକ ବର୍ତ୍ତମାନ ବେସରକାରୀ ଭାବେ ଚଢା ମୂଲ୍ୟ ରହିଛି। ଏହି ଅଞ୍ଚଳରେ କେତେକ ପ୍ରଭାବଶାଳୀ ବ୍ୟକ୍ତି ଉର୍ବର ଚାଷ ଜମିଗୁଡିକୁ କ୍ରୟ କରି ପ୍ଲଟ ଆକାରରେ ବହୁମୂଲ୍ୟରେ ବିକ୍ରି କରୁଥିବା ଦେଖିବାକୁ ମିଳିଛି। ଏହି ଜମି ଗୁଡିକୁ ରାତାରାତି ବିଭିନ୍ନ ମେସିନ ସାହାଯ୍ୟରେ ସମତଳ କରିଦେବା ସହ ପ୍ଲଟିଂ କରି ବିକ୍ରି କରୁଛନ୍ତି। ଏକଦା ଏହି ଗାରବନ୍ଧ ଗ୍ରାମାଞ୍ଚଳର ଧାନଠାରୁ ଆରମ୍ଭ କରି ପନିପରିବା ଚାଷ ପାଇଁ ବେଶ ଖ୍ୟାତି ରହିଥିଲା। ହେଲେ କେତେ ବର୍ଷ ହେଲା ଧାନ, ପନିପରିବା ଚାଷ ତଥା ଉତ୍ପାଦନ କ୍ଷେତ୍ର କମିବାରେ ଲାଗିଛି। ବିଭିନ୍ନ ସମସ୍ୟା ତଥା ପ୍ରୋତ୍ସାହନ ଅଭାବରୁ ଚାଷ ଜମି ଥିବା ଲୋକେ ଚାଷବାସ ପ୍ରତି ମୁହଁ ଫେରାଇ ନେଉଛନ୍ତି। ନିଜ ନିଜ ଚାଷ ଜମିକୁ କମ ମୂଲ୍ୟରେ ଏହି ଜମିମାଫିଆଙ୍କୁ ବିକ୍ରି କରି ଦାଦନ ଖଟିବା ପାଇଁ ରାଜ୍ୟ ବାହାରକୁ ଯାଇ ଅକଥନୀୟ ଅତ୍ୟାଚାରର ଶିକାର ହେବା ସହିତ ମୃତ୍ୟୁମୁଖରେ ପଡୁଥିବା ଦୃଷ୍ଟାନ୍ତ ରହିଛି। ଏପଟେ ଜମିମାଫିଆମାନେ ପ୍ଲଟିଂ କରି ରାତାରାତି ମାଲାମାଲ ହେଉଛନ୍ତି। ଏହି ଚାଷଜମି ଗୁଡିକୁ ଘରବାରିରେ ପରିବର୍ତ୍ତନ ପାଇଁ କିପରି ଅନୁମତି ଦିଆଯାଉଛି ତାହାକୁ ନେଇ ବଡ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିୟମ ମୁତାବକ ଚାଷ ଜମିଗୁଡିକୁ ଘରବାରି ପରିବର୍ତ୍ତନ ପାଇଁ ବିଭିନ୍ନ ସରକାରୀ ନିୟମାବଳୀ ରହିଛି। ହେଲେ କମ ଦିନରେ ଚାଷ ଜମିରୁ ଘରବାରି ପଟ୍ଟା କିପରି ହେଉଛି ଏବଂ ଜମିମାଫିଆମାନେ କିପରି ପ୍ଲଟିଂ କରି ବିକ୍ରିବଟା କରୁଛନ୍ତି ତାହା ତଦନ୍ତ ସାପେକ୍ଷ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୨ ଜୁନ୍, ୨୦୨୩



## ସଂକ୍ଷେପରେ

### ଯୁକ୍ତ୨ କଳା ପରୀକ୍ଷା: ଜ୍ୟୋତି ବ୍ଲକ ଟପ୍ପର

ଗଞ୍ଜାମ,୧୧।୬(ଡି.ଏନ.ଏ.): ଚଳିତ ବର୍ଷ ଯୁକ୍ତ୨ କଳା ପରୀକ୍ଷାଫଳ ଘୋଷଣା



ହୋଇଯାଇଛି। ଏଥିରେ ଗଞ୍ଜାମ ବ୍ଲକ କୁଜିଡେପା ଗ୍ରାମର ସୁକାନ୍ତ ଜେନାଙ୍କ ଝିଅ ଜ୍ୟୋତି ଜେନା ୬୦୦ରୁ ୫୧୩ ମାର୍କ ରଖି ବ୍ଲକ ଟପ୍ପର ହୋଇଛନ୍ତି। ସେ ଖଣ୍ଡଦେଉଳୀ ଶହୀଦ ଭଗତ ସିଂ କଲେଜ ଛାତ୍ରୀ। ବିଭିନ୍ନ ସମୟରେ ସ୍କୁଲରେ ହେଉଥିବା ବୃତ୍ତି ପରୀକ୍ଷା, ବକ୍ତୃତା ଓ ପ୍ରବନ୍ଧ ଆଦି ବର୍ଗରେ ପାରଦର୍ଶିତା ଦେଖାଇ ଆସିଥିବା ଜ୍ୟୋତି ହେଉଛନ୍ତି ଜଣେ ଚାଷୀ ପରିବାର ଝିଅ। ଏହି ସଫଳତା ପାଇଁ ମା' ବାପା, କଲେଜ ଅଧକ୍ଷ, ଅଧାପିକା ଅଧାପକ,ଭଗବାନଙ୍କ ଆଶୀର୍ବାଦରୁ ସମ୍ଭବ ହୋଇଛି ବୋଲି ଜ୍ୟୋତି କହିଛନ୍ତି। ଏହି ଅବସରରେ କଲେଜ ଅଧକ୍ଷ ଦିବାକର ସ୍ୱାଇଁ ଏବଂ ଓଡ଼ିଆ ଅଧାପକ ଗୌରୀ ଶଙ୍କର ଶତପଥୀ ଜ୍ୟୋତିଙ୍କ ଉତ୍ତରୋତ୍ତର କାମନା ସହ ଶୁଭେଚ୍ଛା ଜଣାଇଛନ୍ତି।

### ଆଦର୍ଶ ବିଦ୍ୟାଳୟରୁ କମ୍ପ୍ୟୁଟର ଚୋରି

ପାରଳାଖେମୁଣ୍ଡି, ୧୧।୬ (ଡି.ଏନ୍.ଏ): ଗଜପତି ଜିଲା ସେରଙ୍ଗ ଥାନା ଅନ୍ତର୍ଗତ ଆଶ୍ରୟଗଡ଼ ୫-ଟି ଅନ୍ତର୍ଭୁକ୍ତ ସରକାରୀ ଉଚ୍ଚ ବିଦ୍ୟାଳୟରୁ ୩ଟି କମ୍ପ୍ୟୁଟର ଚୋରି ହୋଇଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ଖୋଜାଖୋଜି କରି ନ ପାଇବାରୁ ଶନିବାର ଗୁମ୍ମା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୪୫/୨୩ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ବିଦ୍ୟାଳୟର ୩ ନମ୍ବର ବଖରା ଇ-ପାଠାଗାରରୁ ୩ଟି କମ୍ପ୍ୟୁଟର, ୪ଟି ସିପିୟୁ, ସ୍ପିକର ଚୋରି ହୋଇଛି। ବିଦ୍ୟାଳୟ ୧୨ଟି ବଖରା ରହିଥିବା ବେଳେ ସମସ୍ତ ବଖରାର ତାଲା ପ୍ରଧାନ ଶିକ୍ଷୟିତ୍ରୀ ଓ ଅତିରିକ୍ତ ଶିକ୍ଷକଙ୍କ ପାଖରେ ରହିଥାଏ। କିନ୍ତୁ ୩ନମ୍ବର ବଖରାର ତାଲା ନଥିବା ଅଧିକ ସନ୍ଦେହ ସୃଷ୍ଟି କରିଛି।

# ପ୍ରସ୍ତାବରେ ଅଟକିଛି ଛତ୍ରପୁରକୁ ମ୍ୟୁନିସିପାଲିଟି ମାନ୍ୟତା

ଛତ୍ରପୁର,୧୧।୬(ଡି.ଏନ୍.ଏ)

ଗଞ୍ଜାମ ଜିଲା ସଦରମହକୁମା ଛତ୍ରପୁର ଏନଏସି ୧୯୫୫ରେ ଗଠନ ହୋଇଥିଲା। ତେବେ ଏହାକୁ ମ୍ୟୁନିସିପାଲିଟି ମାନ୍ୟତା ଦେବାରେ ରାଜ୍ୟ ସରକାର ଅହେତୁକ ବିଳମ୍ବ କରିଚାଲିଛନ୍ତି । ପୌର ନିର୍ବାଚନ ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଛତ୍ରପୁର ଏନଏସିକୁ ମ୍ୟୁନିସିପାଲିଟି ମାନ୍ୟତା ଖୁବ୍‌ଶୀଘ୍ର ପ୍ରଦାନ କରିବେ ବୋଲି ବ୍ରହ୍ମପୁର ଏମ୍‌ପି କହିଥିଲେ। ଏପରିକି ସେତେବେଳେ ତତ୍କାଳୀନ ଜିଲାପାଳ ମଧ୍ୟ ଏନେଇ ଦୃଢ଼ୋକ୍ତି ବାଢିଥିଲେ। ମାତ୍ର ପୌର ନିର୍ବାଚନ ସରିବାର ବର୍ଷେ ବିତିଥିଲେ ମଧ୍ୟ ଛତ୍ରପୁର ଏନଏସିକୁ ମ୍ୟୁନିସିପାଲିଟି ମାନ୍ୟତା ଦେବାରେ ପଛଘୁଞ୍ଚା ଦିଆଚାଲିଛି। ଅପରପକ୍ଷରେ ଛତ୍ରପୁର ଏନଏସି ଅଧକ୍ଷା ପଦବୀ ଶାସକ ଦଳ ବିଜେଡି ହାତରୁ ଖସିଯାଇଥିଲା। ପୂର୍ବରୁ ଏହି ପଦବୀ ବିଜେଡି ହାତରେ ଥିବାବେଳ ଭାଜପା ପ୍ରାର୍ଥିନୀ ଏନଏସି ଅଧକ୍ଷା ଭାବେ ନିର୍ବାଚିତ ହୋଇଥିଲେ । ତଥାପି ଶାସକ ଦଳ କିମ୍ବା ସରକାର ଏଥିପ୍ରତି ଧ୍ୟାନ ଦେବାକୁ ଉଚିତ୍ ମଣିନଥିବା ସ୍ପଷ୍ଟ ଅନୁମେୟ ହେଉଛି । ଛତ୍ରପୁର ଏନଏସିକୁ ମ୍ୟୁନିସିପାଲିଟି ମାନ୍ୟତା ମିଳିବାରେ ସମସ୍ତ ମାନଦଣ୍ଡ ପୂରଣ କରୁଛି। ମାତ୍ର ଏ ଦିଗରେ ପଦକ୍ଷେପ ନିଆଯାଉନି। ଭାରତୀୟ ବିକାଶ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀଙ୍କ ପକ୍ଷରୁ ଛତ୍ରପୁର ସମେତ ୩ ଏନଏସିକୁ ମ୍ୟୁନିସିପାଲିଟି ମାନ୍ୟତା ଦେବାକୁ ହାଇକୋର୍ଟରେ ପିଟିଶନ ଦାଖଲ କରିଥିଲେ। ଏହାର ଶୁଣାଣି କରି ୩ ମାସ ମଧ୍ୟରେ ମ୍ୟୁନିସିପାଲିଟି ଭାବେ ଘୋଷଣା କରିବାକୁ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବଙ୍କୁ ୨୦୧୯ ଅଗଷ୍ଟ ୫ରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶନାମାକୁ ଏବେ ୪ ବର୍ଷ ବିତିବାକୁ ବସିଥିବା ବେଳେ ଏହାକୁ ସରକାର କାର୍ଯ୍ୟକାରୀ କରିନାହାନ୍ତି । ହାଇକୋର୍ଟଙ୍କ ରାୟକୁ କାର୍ଯ୍ୟକାରୀ କରିବା ଆବଶ୍ୟକ ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସେତେବେଳେ ତତ୍କାଳୀନ ଗଞ୍ଜାମ ଜିଲାପାଳଙ୍କୁ ତଥ୍ୟ ମଗାଯାଇଥିଲା। ଏହାପରେ ଜିଲାପାଳ ମଧ୍ୟ ସମସ୍ତ ତଥ୍ୟ ପଠାଇଥିଲେ । ଓଡ଼ିଶା ମ୍ୟୁନିସିପାଲ କର୍ପୋରେଶନ ଆକ୍ଟ ଅନୁଯାୟୀ, ମ୍ୟୁନିସିପାଲିଟି ଘୋଷଣା ପାଇଁ ଉକ୍ତ ସହରର ଜନସଂଖ୍ୟା ୨୫ ହଜାର କିମ୍ବା ତା'ଠାରୁ ଅଧିକ ହେବା ଆବଶ୍ୟକ। ମିଳିଥିବା ସୂଚନା ଅନୁସାରେ ୨୦୧୧ ଜନଗଣନା ଅନୁସାରେ ଏହାର ଜନସଂଖ୍ୟା ୨୨ ହଜାର ୨୭ ଥିଲା। ନିକଟବର୍ତ୍ତୀ ପଞ୍ଚାୟତର ଗାଁକୁ ମିଶାଇଲେ ଏହି ଜନସଂଖ୍ୟା ଆବଶ୍ୟକଠାରୁ ଅଧିକ ହେଉଥିବା ଜଣାପଡିଛି। ଜିଲାପାଳଙ୍କ ପକ୍ଷରୁ ଦିଆଯାଇଥିବା ତଥ୍ୟ ଓ ପ୍ରସ୍ତାବ ଅନୁସାରେ ନିକଟବର୍ତ୍ତୀ ୨ ପଞ୍ଚାୟତର ୨ଟି ଗାଁ ଛତ୍ରପୁର ଏନଏସିରେ ମିଶାଯିବ ଏବଂ ମ୍ୟୁନସିପାଲିଟି ଗଠନ ହୋଇପାରିବ। ଅଗସ୍ତିନୂଆଗାଁ ପଞ୍ଚାୟତର ଜିଏନ୍‌ପାଲମ ଓ କଣମଣା ପଞ୍ଚାୟତର ପୁରୁଣା ଛତ୍ରପୁର ମିଶ୍ରଣ ପାଇଁ ସେତେବେଳେ ପଞ୍ଚାୟତ ପକ୍ଷରୁ ସମ୍ମତି ପତ୍ର ଦିଆଯାଇଥିଲା। ଏହାକୁ ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇଥିଲା। ଛତ୍ରପୁର ନାଗରିକ କମିଟି ଓ ଓକିଲ ସଂଘ ପକ୍ଷରୁ ଛତ୍ରପୁରକୁ ମ୍ୟୁନିସିପାଲିଟି ମାନ୍ୟତା ଦେବାକୁ ଦାବି ହୋଇଆସୁଛି।

## ଇଟାଭାଟି ନିଆଁରେ ମହିଳା ଗୁରୁତର

ପାରଳାଖେମୁଣ୍ଡି,୧୧।୬

ଗଜପତି ଜିଲା ଅଡ଼ବା ଥାନା ଡେଙ୍ଗାସଖାଲ ପଞ୍ଚାୟତ ଅନ୍ତର୍ଗତ ରାଇଜୁକା ଗ୍ରାମରେ ଅଘଟଣ। ସ୍ୱାମୀ ଇଟା ଭାଟିରେ ନିଆଁ ଲଗାଉଥିବା ବେଳେ ସ୍ତ୍ରୀ ପୋଡ଼ିଯାଇ ଗୁରୁତର ଆହତ ହୋଇଛନ୍ତି। ଆହତ ମହିଳା ହେଲେ ରାଇଜୁକା ଗାଁର ଆନନ୍ଦ ବସ୍ତରାୟଙ୍କ ସ୍ତ୍ରୀ ସୁପ୍ରିୟା ବସ୍ତରାୟ। ଆନନ୍ଦ ଇଟାଭାଟିରେ ନିଆଁ ଲଗାଇବା ବେଳେ ସୁପ୍ରିୟା ପଛପଟେ ଥିଲେ। ହଠାତ ସୁପ୍ରିୟାଙ୍କ ଦେହରେ ଅସାବଧାନତାବଶତଃ ନିଆଁ ଲାଗିଯାଇଥିଲା। ଆନନ୍ଦ ଲିଭାଇବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସୁପ୍ରିୟାଙ୍କ ଦେହର ୭୦ ଭାଗ ପୋଡ଼ିଯାଇଥିଲା। ପ୍ରଥମେ ତାଙ୍କୁ ମୋହନା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ଛେଳିଗଡ଼ ପ୍ରକଳ୍ପ ପରିଦର୍ଶନ



ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଆଲୋଚନା କରୁଛନ୍ତି।

ଆର.ଉଦୟଗିରି,୧୧।୬(ଡି.ଏନ.ଏ.)

ଗଜପତି ଜିଲା ଆର.ଉଦୟଗିରି ବ୍ଲକ ମହେନ୍ଦ୍ରଗଡ଼ ନିକଟରେ ହେଉଥିବା ଛେଳିଗଡ଼ ଜଳସେଚନ ପ୍ରକଳ୍ପକୁ ଶନିବାର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ଟି. ଆପଙ୍ଗ ଆଓ ଦିନିକିଆ ଗସ୍ତରେ ଆସି କ୍ଷତିଗ୍ରସ୍ତ ଲୋକଙ୍କ ସହ ଆଲୋଚନା କରିଛନ୍ତି।

ପରିଦର୍ଶନ ସମୟରେ ସେ କ୍ଷତିଗ୍ରସ୍ତ ଲୋକଙ୍କ ସହ ମିଶି ଆଲୋଚନା କରି ପାଇଥିବା ସୁବିଧାଗୁଡିକ ସମ୍ପର୍କରେ ପଚାରି ବୁଝିବା ସହ ରହୁଥିବା କଲୋନୀଗୁଡିକ ପରିଦର୍ଶନ କରିଛନ୍ତି। କମିଶନର ଆଓ ପ୍ରକଳ୍ପର ଟନେଲ କାର୍ଯ୍ୟ ସହ ଡ୍ୟାମ ନିକଟକୁ ଯାଇ କାର୍ଯ୍ୟ ତଦାରଖ କରିଥିବା ଦେଖିବାକୁ ମିଳିଛି। ଏହି ପରିଦର୍ଶନ ସମୟରେ ବିଦ୍ୟାଧରପୁରଠାରେ ରହୁଥିବା କ୍ଷତିଗ୍ରସ୍ତ ଲୋକଙ୍କ ସହ ଆଲୋଚନା ମଧ୍ୟ କରିଥିବା ପ୍ରକାଶ। ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ବୀରେନ୍ଦ୍ର କୁମାର ଜଗତ, ଜମି ଅଧିଗ୍ରହଣ ଅଧିକାରୀ ସିବାଶିଷ ପଣ୍ଡା, ସହକାରୀ ଯନ୍ତ୍ରୀ ଦେବାଶିଷ ନାୟକ, ଟନେଲ ସହକାରୀ ଯନ୍ତ୍ରୀ ଆଦିକନ୍ଦ ନାୟକ ପ୍ରମୁଖ ରାଜସ୍ୱ କମିଶନରଙ୍କ ସହ ପ୍ରକଳ୍ପ ଅଞ୍ଚଳ ଯାଇ ସମସ୍ତ କାର୍ଯ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

## ଏନ୍‌ଏସି ପରିଚାଳନା ଦାୟିତ୍ୱ ମିଥ୍ୟା ଗୁଜବ: ଉପାଧ୍ୟକ୍ଷ

କବିସୂର୍ଯ୍ୟନଗର,୧୧।୬(ଡି.ଏନ.ଏ.)

କବିସୂର୍ଯ୍ୟନଗର ଏନଏସି ପରିଚାଳନା ନେଇ ଗତ କିଛି ଦିନ ହେଲା ବିଜେଡିରେ ଯେଉଁଭଳି କମ୍ପନ ସୃଷ୍ଟି ହୋଇଥିଲା ରବିବାର ସେସବୁ ଘଟଣାର ସ୍ପଷ୍ଟୀକରଣ ମିଳିଛି। ଦଳୀୟ ଶୃଙ୍ଖଳା ପାଇଁ ଅପପ୍ରଚାର ବନ୍ଦ କରିବା ସହ ମିଥ୍ୟା ଗୁଜବର ପ୍ରତିକ୍ରିୟା ରଖିଛନ୍ତି କବିସୂର୍ଯ୍ୟନଗର ଏନଏସି ଉପାଧ୍ୟକ୍ଷ ବିକ୍ରାନ୍ତ କୁମାର ସାହୁ। ନିଜ ବାସଗୃହରେ ଖବରଦାତା ସମ୍ମିଳନୀ କରି କହିଛନ୍ତି, ପୌର ନିର୍ବାଚନରେ କବିସୂର୍ଯ୍ୟନଗରବାସୀ ଭୋଟ ଦେଇ ନିର୍ବାଚିତ କରିଛନ୍ତି। କବିସୂର୍ଯ୍ୟନଗରର ବିକାଶ କରିବି, ଲୋକଙ୍କ କାମ କରିବି, କିଏ କାହିଁକି ଅପପ୍ରଚାର କରୁଛି ସେଥିପ୍ରତି ଆଦୌ ଗୁରୁତ୍ୱ ନ ଦେବାକୁ ଗଣମାଧ୍ୟମକୁ ଜଣାଇଛନ୍ତି। ଦାୟିତ୍ୱ ହସ୍ତାନ୍ତର ମିଥ୍ୟା ପ୍ରଚାର ମାତ୍ର। ସମସ୍ତ ଅଭିଜ୍ଞ ନେତା ଓ କାଉନସିଲରଙ୍କ ଉପଦେଶ, ପରାମର୍ଶ ଅଗ୍ରାଧିକାର ଦିଆଯିବା ସହ ଆଲୋଚନା ବିଚାର ବିମର୍ଶ କରି ପଦକ୍ଷେପ ଗ୍ରହଣ କରାଯିବ। ଆଗକୁ ନିର୍ବାଚନ ଥିବାରୁ ସମସ୍ତେ ମିଳିମିଶି କାର୍ଯ୍ୟ କରିବା। ଆମେ ନିର୍ବାଚିତ ପ୍ରତିନିଧି। ଏନଏସିର ବିକାଶ ତ୍ୱରାନ୍ୱିତ କରିବା ହେବ ଆମର ଲକ୍ଷ୍ୟ।

## ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପାଣି ହାଣ୍ଡି ରଖି ଧାରଣା



ପାଣି ହାଣ୍ଡି ଧରି ମହିଳାମାନେ ଧାରଣା ଦେଇଛନ୍ତି।

ପାରଳାଖେମୁଣ୍ଡି, ୧୧।୬ (ଡି.ଏନ୍.ଏ)

ଗଜପତି ଜିଲା ଗୁମ୍ମା ଖ୍ରୀଷ୍ଟିୟାନ ସାହି ବାସିନ୍ଦାଙ୍କୁ ଗୋଟିଏ ଦିନ ପିଇବା ପାଣି ମିଳିଲେ ଆଉ ୬ଦିନ ମିଳୁନାହିଁ। ଫଳରେ ସାହିବାସିନ୍ଦା ପାଣି ପାଇଁ ଡହଳବିକଳ ହେଉଛନ୍ତି। ବିଭାଗୀୟ ଅଧିକାରୀଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଏପରି ସମସ୍ୟା ସୃଷ୍ଟି ହେଉଥିବା ଖ୍ରୀଷ୍ଟିୟାନ ସାହିବାସିନ୍ଦା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଗ୍ରାମସେବକ ସାନ୍ତୁନୁ କୁମାର ହୋତାଙ୍କୁ ବାରମ୍ବାର ଜଣାଇବା ପରେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସାହିରେ ୩୮୫ ପରିବାର ରହୁଥିଲେ ମଧ୍ୟ ସେମାନଙ୍କୁ ଠିକ ସମୟରେ ପିଇବା ପାଣି ଯୋଗାଯାଉନାହିଁ। ତେଣୁ ରବିବାର ସାହିବାସିନ୍ଦା ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହାଣ୍ଡି ରଖି ଧାରଣା ଦେଇଥିଲେ। ଏନେଇ ବିଡ଼ିଓ ଅନୁପ ଅଭିଷେକ ବେହେରା କହିଛନ୍ତି, ଯଥାଶୀଘ୍ର ସମସ୍ୟାର ସମାଧାନ କରାଯିବ।

## ଆଗେଇ ଚାଲିଛି ରଥ ନିର୍ମାଣ



ରଥ ନିର୍ମାଣ ଚାଲିଛି।

ପାରଳାଖେମୁଣ୍ଡି, ୧୧।୬ (ଡି.ଏନ୍.ଏ)

ପବିତ୍ର ରଥ ଯାତ୍ରା ଲାଗି ତିନି ରଥ ପ୍ରସ୍ତୁତି ଜୋରଦାରରେ କରାଯାଉଛି। ଯାତ୍ରା ଯେତେ ପାଖେଇ ଆସୁଛି ୩ରଥ ନିର୍ମାଣ କାମ ସେତିକି ଆଗେଇ ଚାଲିଛି । ୨୦ ତାରିଖରେ ହେବାକୁ ଥିବା ରଥଯାତ୍ରା ପାଇଁ ପ୍ରଶାସନ ମଧ୍ୟ ଅଣ୍ଟାଭିଡି ପ୍ରସ୍ତୁତିକୁ ଜୋର୍ କରିଛି । ସେହିପରି ମହାରଣାମାନେ ନିଜ ନିଜ କାର୍ଯ୍ୟରେ ନିମଗ୍ନ ଅଛନ୍ତି। ସେପଟେ ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ ଲାଗି ଫାଉଣ୍ଡେଶନ କାମ ମଧ୍ୟ ପ୍ରାୟ ଶେଷ ଅବସ୍ଥାରେ। ପ୍ରଶାସନ ସହ ସ୍ଥାନୀୟ ବିଧାୟକ ପ୍ରମୁଖ ୩ରଥ ନିର୍ମାଣ କାର୍ଯ୍ୟ ନିରୀକ୍ଷଣ କରୁଛନ୍ତି।

## ବ୍ୟାରେଜ୍ ନିର୍ମାଣ ପାଇଁ କେନ୍ଦ୍ର ମନ୍ତ୍ରୀଙ୍କୁ ଦାବିପତ୍ର

ଫୁଲବାଣୀ ଅଫିସ, ୧୧।୬

କନ୍ଧମାଳ ଜିଲାରେ ବ୍ୟାରେଜ ନିର୍ମାଣ ପାଇଁ ମିଳିତ ନାଗରିକ କମିଟି ପକ୍ଷରୁ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ମନ୍ତ୍ରୀ ଟୁଡୁ କନ୍ଧମାଳ ଗସ୍ତରେ ଆସିଥିବା ବେଳେ ଏହି ଦାବି ନାଗରିକ କମିଟି ପକ୍ଷରୁ କରାଯାଇଛି।

ସମୁଦ୍ର ପତନଠାରୁ ବହୁ ଉଚ୍ଚତାରେ ଥିବା କନ୍ଧମାଳ ଜିଲାରେ ଖରାଦିନେ ପାନୀୟ ଜଳ ସମସ୍ୟା ଉତ୍କଟ ରୂପ ଧାରଣ କରୁଛି । ଫୁଲବାଣୀ ପୌର ପରିଷଦ ଦେଇ ବହି ଯାଉଥିବା ପିଲା ସାଲକି ନଦୀର ପିଅନପଡା ଏବଂ ଫୁଲବାଣୀ ସାହିଠାରେ ଦୁଇଟି ବ୍ୟାରେଜ ନିର୍ମାଣ, ବଡସାଲୁଙ୍କି ନଦୀରେ କେରେଡି, ବିଶିପଡା, ଡୁଡିପାଜୁ ଓ ପର୍ଯ୍ୟଟନ ସ୍ଥଳ ପୁଟୁଡିଠାରେ ପ୍ରାଥମିକ ପର୍ଯ୍ୟାୟରେ ୬ଟି ବ୍ୟାରେଜ ନିର୍ମାଣ କରାଗଲେ ଜଳ ସମସ୍ୟା ଦୂର ହେବ ବୋଲି ମନ୍ତ୍ରୀଙ୍କୁ ଅବଗତ କରାଯାଇଛି ।

ଜିଲାର ଅନ୍ୟ ୧୧ ବ୍ଲକରେ ଥିବା ଛୋଟ ନଦୀରେ ତିନି ଚାରୋଟି ଲେଖାଏ ଆଡିବନ୍ଧ ବା ବ୍ୟାରେଜ ନିର୍ମାଣ କଲେ କନ୍ଧମାଳ ଜିଲାରେ ଜଳ ସମସ୍ୟା ଦୁର ହେବ। ଏଥିସହ ନଦୀ ଉପକଣ୍ଠରେ ଥିବା ଜମିକୁ ଜଳସେଚନ କରି ଚାଷୀମାନେ ଲାଭବାନ ହେବେ ଓ ପାନୀୟ ଜଳ ସମସ୍ୟା ଦୁର ହୋଇପାରିବ। କନ୍ଧମାଳ ଜିଲାର ବିଭିନ୍ନ ନଦୀରେ ପୋଲ ନ ଥିବା ହେତୁ ଲୋକମାନେ ଗଛରେ ତାର ବାନ୍ଧି ବିପଦସଂଙ୍କୁଳ ଅବସ୍ଥାରେ ନଦୀ ପାରି ହେଉଥିବାର ଦୟନୀୟ ଚିତ୍ର ବର୍ଷା ଦିନେ ଦେଖାଯାଉଛି। ତେଣୁ ଉକ୍ତ ସ୍ଥାନ ଚିହ୍ନଟ କରି ବ୍ୟାରେଜ ଓ ପୋଲ ଅଗ୍ରାଧିକାର ଭିତ୍ତିରେ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ନାଗରିକ କମିଟିର ଆବାହକ ଅଶୋକ ପରିଡା କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଭି ସୁବ୍ରମନ୍ୟମ, ଜଗନ୍ନାଥ ସାହୁ, ଅନ୍ତର୍ଯ୍ୟାମୀ ସୁବୁଦ୍ଧି, ମନୋଜ ଚୌଧୁରୀ, ଉମେଶ ପାତ୍ର, ଅରୁଣ ପଣ୍ଡା, ରମେଶ ମହାନ୍ତି, ବାବୁ ପଣ୍ଡା, ପ୍ରଶାନ୍ତ ମହାନ୍ତି, ଅନ୍ତର୍ଯ୍ୟାମୀ ସୁବୁଦ୍ଧି, ସୁଧିର ମହାରଣା, ଭଗବାନ ମହାନ୍ତି, ରାମବିଶି ଦିଗାଲ, ପୌରାଧକ୍ଷା ସ୍ମିତାରାଣୀ ମହାନ୍ତି, ସ୍ୱରୁପାନନ୍ଦ ପଟନାୟକ ପମୁଖ ମନ୍ତ୍ରୀଙ୍କ ସହ ଆଲୋଚନାରେ ଉପସ୍ଥିତ ଥିଲେ।

## ରାଇକିଆରେ ରଥଯାତ୍ରା ପ୍ରସ୍ତୁତି ବୈଠକ

ରାଇକିଆ,୧୧।୬(ଡି.ଏନ.ଏ)

କନ୍ଧମାଳ ଜିଲା ରାଇକିଆ ଜଗନ୍ନାଥ ପୂଜା କମିଟି ତରଫରୁ ରବିବାର ଆଗାମୀ ରଥଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଶରତ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ରଥ ନିର୍ମାଣ, ପହଣ୍ଡି ବିଜେ, ରଥ ଟଣା, ମାଉସୀ ମା' ମନ୍ଦିର ସୁପରିଚାଳନା ଯେପରି ହୋଇପାରିବ ସେ ନେଇ ଆଲୋଚନା ହୋଇଥିଲା। କମିଟି ସଭାପତି ସତ୍ୟବାନ ପାତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାକ ସୂଚନା ଦେଇଥିବାବେଳେ ସମ୍ପାଦକ ବାଇନାଥ ଦାସ ରଥଯାତ୍ରା ଆୟୋଜନ ପାଇଁ ପ୍ରସ୍ତୁତ ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପନା କରିଥିଲେ। ତହସିଲଦାର ଅକ୍ଷୟ ପାଣି ଉଚ୍ଛୁ ଶାନ୍ତି ଶୃଙ୍ଖଳାର ସହ କିପରି କାର୍ଯ୍ୟକ୍ରମ ହୋଇପାରିବ ସେ ନେଇ ପରାମର୍ଶ ଦେଇଥିଲେ। ବୈଠକରେ ରାଇକିଆ ସରପଞ୍ଚ ଗୀତାଞ୍ଜଳି ନାୟକ, ରେଞ୍ଜର ମାଣିକେଶ୍ୱରୀ ପଟ୍ଟନାୟକ, ଏଏସ୍‌ଆଇ ଅଶୋକ ତ୍ରିପାଠୀ, ପୂଜା କମିଟି ସଭାପତି ଡିଲୁ ମହାନ୍ତି, ବଣିକ ସଂଘ ସଭାପତି ପଦ୍ମ ଚରଣ ପଣ୍ଡାଙ୍କ ସମେତ ସମସ୍ତ କମିଟି ସଦସ୍ୟ, ଗ୍ରାମବାସୀ ବୃନ୍ଦ ଉପସ୍ଥିତ ଥିଲେ।

## ବ୍ୟବସାୟୀଙ୍କ ଘରୁ ଡକାୟତି



ପୋଲିସ ଡକାୟତଙ୍କ ବିଷୟରେ ପଚରାଉଚରା କରୁଛି।

ସୋରଡା, ୧୧।୬ (ଡି.ଏନ୍.ଏ)

ଗଞ୍ଜାମ ଜିଲା ସୋରଡ଼ା ବଡ଼ଦାଣ୍ଡ ନିକଟରେ ରହୁଥିବା ବ୍ୟବସାୟୀ ଦୀନବନ୍ଧୁ ଚୌଧୁରୀଙ୍କ ପରିବାର ଲୋକଙ୍କୁ ରବିବାର ସକାଳେ ବନ୍ଧୁକ ଦେଖାଇ ସୁନା,ରୁପା ଅଳଙ୍କାର ସମେତ ନଗଦ ଟଙ୍କା ନେଇଯାଇଥିବା ଜଣାପଡିଛି। ସକାଳ ପ୍ରାୟ ୬ଟାରେ ୩ଜଣ ଯୁବକ ଆସି ପ୍ରଥମେ କବାଟ ବାଡେଇଥିଲେ। ଦୀନବନ୍ଧୁ କବାଟ ଖୋଲିବାରୁ ବ୍ୟାଗ କିଣିବାକୁ କହିଥିଲେ। ଦୀନବନ୍ଧୁଙ୍କ ସାନପୁଅ ବ୍ରଜସୁନ୍ଦର ବ୍ୟାଗ ଦେଖାଇବାକୁ ଉଦ୍ୟତ ହେଉଥିବା ବେଳେ ଯୁବକମାନେ ବନ୍ଧୁକ ଦେଖାଇ ବ୍ରଜସୁନ୍ଦରଙ୍କୁ ପ୍ରଥମେ କାବୁ କରିଥିଲେ। ପରେ ଅନ୍ୟମାନଙ୍କୁ ଭୟଭୀତ କରି ଘରେ ଥିବା ଆଲମାରରୁ ସମସ୍ତ ଅଳଙ୍କାର, ନଗଦ ଟଙ୍କା, ଦୀନବନ୍ଧୁଙ୍କ ସ୍ତ୍ରୀଙ୍କ ବେକରୁ, କାନରୁ ଅଳଙ୍କାର କାଢି ନେଇଥିଲେ। ନଗଦ ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଓ ୫୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ଅଳଙ୍କାର ନେଇଥିବା ବଡ଼ପୁଅ ବଡି କହିଛନ୍ତି । ସକାଳ ୬ ଟାରୁ ୭ଟା ପର୍ଯ୍ୟନ୍ତ ଏହି ଘଟଣା ଘଟୁଥିଲେ ମଧ୍ୟ ବାହାର ଲୋକ ଜାଣିପାରିନଥିଲେ। ଖବର ପାଇ ପୋଲିସ ତନାଘନା ଆରମ୍ଭ କରିଛି। ୩ ଜଣ ଯୁବକ ମୁହଁରେ ମାସ୍କ ଓ ହେଲମେଟ ପିନ୍ଧିଥିବା ବେଳେ ଗୋଟିଏ ବାଇକରେ ଆସିଥିଲେ ବୋଲି ଜଣାପଡିଛି। ଆସ୍କା ଏସଡିପିଓ ଉମାଶଙ୍କର ସିଂ, ଶେରଗଡ ଆଇଆଇସି ମନୋଜ କୁମାର ପ୍ରଧାନ, ସୋରଡା ଏସ୍‌ଆଇ କୈଳାଶ ଚନ୍ଦ୍ର ସାହୁ ସନ୍ଧାନୀ କୁକୁର ସହ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭିକୁ ଯାଞ୍ଚ କରାଯାଉଛି।

## ଅଗ୍ନିକାଣ୍ଡରେ ୬ ବଖରା ଜଳିଗଲା

ଭଞ୍ଜନଗର, ୧୧।୬(ଡି.ଏନ ଏ)

ଭଞ୍ଜନଗର ବ୍ଲକ ଅନ୍ତର୍ଗତ ଶାଳୁଆପଲ୍ଲୀରେ ରବିବାର ଅଗ୍ନିକାଣ୍ଡ ଘଟି ୨ଟି ପରିବାରର ୩ ବଖରା ଜଳିଯାଇଛି । ଘର ଉପର ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ ତାର ସଟ ଶର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଛି। ଏଥିରେ ଶେଖ ଲତିଫଙ୍କର ଦୁଇ ବଖରା ଏବଂ ମଙ୍ଗୁଲିଙ୍କର ଗୋଟିଏ ବଖରା ପୋଡି ଯାଇଥିଲା। ଭଞ୍ଜନଗର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ କରିଛି। ସେହିଭଳି କୁଲାଡ଼ରେ ମଧ୍ୟ ଅଗ୍ନିକାଣ୍ଡ ଘଟି ଗୋଟିଏ ପରିବାରର ଗୋଟିଏ ବଖରା ଜଳିଯାଇଛି । ଏହାପରେ ଏହି ବ୍ଲକ ଅନ୍ତର୍ଗତ ହରିଗଡ଼ରେ ମଧ୍ୟ ନିଆଁ ଲାଗି ୨ ଟି ପରିବାରର ୨ ବଖରା ଜଳିଯାଇଛି। ସମସ୍ତ ଅଗ୍ନିକାଣ୍ଡ ବିଦ୍ୟୁତ୍ ସଟ ଶର୍କିଟ ଯୋଗୁ ହୋଇଥିବା ଭଞ୍ଜନଗର ଦମକଳବାହିନୀ ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷେ ବିଗତ କିଛି ଦିନ ହେବ ଭଞ୍ଜନଗର ଅଞ୍ଚଳରେ ତାପମାତ୍ରା ବଢିବାରେ ଲାଗିଛି। ତେଣୁ ପୂର୍ବାହ୍ନ ୧୦ ଟାରୁ ଅପରାହ୍ନ ୫ ଟା ପର୍ଯ୍ୟନ୍ତ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ଏହିଭଳି ପରିସ୍ଥିତିରେ ଅଗ୍ନିକାଣ୍ଡ ମଧ୍ୟ ବୃଦ୍ଧି ପାଉଛି।



ଜଳି ଯାଉଥିବା ଘର।

## ଫାଟ ଲୁଚାଇବାକୁ ସିମେଣ୍ଟ ଲେପ

ବୁଗୁଡ଼ା,୧୧।୬(ଡି.ଏନ.ଏ.)

ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ନିର୍ମାଣ କାର୍ଯ୍ୟ ବିନା ସୂଚନା ଫଳକରେ ଚାଲିଥିବା ବେଳେ ତାହା ଶେଷ ହେବା ପୂର୍ବରୁ କାନ୍ଥ ଫାଟି ଆଁ କରିବା ଏବଂ ତାହାକୁ ଲୁଚାଇବାକୁ ଯାଇ ସିମେଣ୍ଟ ଲେପ ଦିଆଯିବା ଘଟଣାକୁ ନେଇ ସାଧାରଣରେ ପ୍ରବଳ ଅସନ୍ତୋଷ ଦେଖାଦେଇଛି। ଉକ୍ତ ନୂତନ କୋଠା ନିର୍ମାଣ ପାଇଁ କେତେ ଟଙ୍କା ବ୍ୟୟ ବରାଦ କରାଯାଇଛି ଏବଂ ନିର୍ମାଣର ସମୟ ସୀମା କେଉଁ ଯାଏ ରହିଛି ତାହା ସର୍ବସାଧାରଣଙ୍କ ଅବଗତ ନିମନ୍ତେ ସୂଚନା ଫଳକରେ ଦର୍ଶାଇବାକୁ ପ୍ରଶାସନ ଭୁଲି ଯାଇଛି। ଏ ନେଇ ଜନସାଧାରଣ ଅନ୍ଧକାରରେ ରହିଥିବା ବେଳେ ସେମାନଙ୍କ ମଧ୍ୟରେ ଅସନ୍ତୋଷ କୁହୁଳୁଛି। ବୁଗୁଡା ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ନିର୍ମାଣ ପାଇଁ ଗତ ୧୬ ଡିସେମ୍ବର ୨୦୨୧ରେ ଶିଳାନ୍ୟାସ ହୋଇଥିଲା ବେଳେ ଇତିମଧ୍ୟରେ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇଯାଇଛି। କିନ୍ତୁ ଉକ୍ତ ନିର୍ମାଣାଧୀନ ନୂତନ କୋଠାର ବାଡ ଫାଟି ଆଁ କରିବା ଏବଂ ସେଥିରେ ସିମେଣ୍ଟ ଲେପ ଦେଇ ଲୁଚାଇବାକୁ ଚେଷ୍ଟା କରାଯାଇଥିବା ଘଟଣା ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ରମେଶ କୁମାର ଚୌଧୁରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବାରେ ତାହାକୁ ସେ ହାଲୁକା ଭାବେ ଗ୍ରହଣ କରି ଘଟଣାର ଅନୁସନ୍ଧାନ କରାଯିବ ବୋଲି କହିଛନ୍ତି। ତେଣୁ ସୂଚନା ଫଳକ ମାରି କାର୍ଯ୍ୟ ଶୀଘ୍ର ଶେଷ କରିବା ସହ ଲୋକସେବାରେ ବିନିଯୋଗ କରିବା ପାଇଁ ସାଧାରଣରେ ଦାବି ହେଉଛି।



କାନ୍ଥରେ ଫାଟ।

- ବିନା ସୂଚନା ଫଳକରେ ଚାଲିଛି ସ୍ୱାସ୍ଥ୍ୟକେନ୍ଦ୍ରର କାମ
- ଶେଷ ହେବା ପୂର୍ବରୁ କାନ୍ଥ ଫାଟି ଆଁ

